# ରାଜଶ୍ରୀ

ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ
କୋରୋ, କେନ୍ଦ୍ରାପଡ଼ା

ଦ୍ୱିତୀୟ ବର୍ଷ "ତୃତୀୟ ସଂଖ୍ୟା"

ରାଜଶ୍ରୀ"ଇପତ୍ରିକା"

୨୦୨୩(ମାର୍ଚ୍ଚ, ଅପ୍ରେଲ, ମଇ)



# ଉପଦେଷ୍ଟା-ଶ୍ରୀ ଦାଶରଥି ଶତପଥୀ



# ମୁଖ୍ୟ ସମ୍ପାଦକ-କବି ସଞ୍ଜୟ କୁମାର ରଥ





ସଭାପତି-ଶ୍ରୀଯୁକ୍ତ କାଶୀନାଥ ରାଉତରାୟ

ସମ୍ପାଦକ-ଆଶୁକବି ହେମନ୍ତ ଜେନା

# ସୌଜନ୍ୟ ସମ୍ପାଦିକା



କବିଶ୍ରୀ ମଞ୍ଜୁଶ୍ରୀ ବରାଳ



କବି ବାଣୀଶ୍ରୀ ସସ୍ମିତା ପଣ୍ଡା







ସମୀକ୍ଷା ଓ ସାକ୍ଷାତକାର-ସମୀକ୍ଷାଶ୍ରୀ ପ୍ରମୋଦ କୁମାର ସିଂହ, କବି ଡ଼ଃ ବିଚିତ୍ରା ମଞ୍ଜରୀ ତ୍ରିପାଠୀ, କବି ପ୍ରକାଶ କୁମାର ମିଶ୍ର, ଏବଂ ଆଶୁକବି ହେମନ୍ତ ଜେନା

























ସମ୍ପାଦନା ମଣ୍ଡଳୀ-କବି ଭକ୍ତଚରଣ ସାହୁ,କବି ପ୍ରମୋଦ କୁମାର ତ୍ରିପାଠୀ, କବି ପ୍ରେମାନନ୍ଦ ଜେନା, ବ୍ୟଙ୍ଗକବି ଅପର୍ତ୍ତି ଚରଣ ସେଠୀ, କବି ଇଂ ଭରତ ଚରଣ ବେହେରା

କବି ରଂଜନ ମହାନ୍ତି, କବି ବ୍ରଜସୁନ୍ଦର ସାହୁ,କବି ସୁଜିତ କୁମାର ପଣ୍ଡା, କବି ମୋନାଲିସା ସିଂହ, କବି ଶଙ୍କର୍ଷଣ ଦାଶ, କବି ଦୁର୍ଲ୍ଲଭ କୁମାର ରାଉତ,କବି ହୃଦୟ ରଂଜନ ପରିଡ଼ା






ରାଜ୍ୟ ସଂଯୋଜକ-ନଗେନ୍ଦ୍ର କୁମାର ରାଉତ
ନିରୂପମା ପାଣି





ସମ୍ବାଦ ପ୍ରସାର
ରଂଜନ କୁମାର ଦଳାଇ

ସଂଯୋଜନା ଓ ଅଳଙ୍କରଣ
ସୁପ୍ରିୟା ସାହୁ

# ଲୋକାର୍ପଣ

# ୧୩/୬/୨୦୨୩

# ମଙ୍ଗଳବାର

# ସୂଚୀପତ୍ର


୧-ନିର୍ଜନତା

୨-ଅନୁଭବର ସ୍ପର୍ଶରେ

୩-ନିତି ମୁଁ ବୋହୁଛି

୪-ପ୍ରେମ ଚିରନ୍ତନ ଶାଶ୍ୱତ

୫-ଜନନୀ

୬-ମାଟି ମନ୍ଦିରର ଦେବୀ

୭-ପାର୍ଥିବ

୮-ଏବେ ବି ଆସନ୍ତି ବାଙ୍କ ବିହାରୀ

୯-ମଧୁ ଋତୁ ରାଟ

୧୦-ଅଳତାର ଗାର

୧୧-ଅହଂକାର

୧୨-ମାଟି

୧୩-ମାତୃଭାଷା

୧୪-ଐଶ୍ୱର୍ଯ୍ୟ ସାଳିନୀ ଉତ୍କଳ ଜନନୀ

୧୫-ବନ୍ଧୁ ବନ୍ଧୁତା ରେ

୧୬-ଉତ୍କଳ

୧୭-ବୋଉ ଦିବସରେ

୧୮-କାମନା

୧୯-ମାଆ

୨୦-ଭାବବଣିକ

୨୧-କୁହ ବନ୍ଧୁ କୁହ

୨୨-ସତ୍ୟ କର୍ମେ ନର

୨୩-ସକାଳର ସ୍ୱପ୍ନ

୨୪-ବସୁଦୈବ କୁଟୁମ୍ବ କମ

୨୫-ଓଁ ସାଇରାମ

୨୬-ବର୍ଷା

୨୭-ବନ୍ଧୁ

୨୮-କାହିଁକି ଏମିତି ହେଲା

୨୯-ତ୍ୟାଗର ପ୍ରତିମୂର୍ତ୍ତି ର ବାପା

୩୦-ଭଜନ ସମ୍ରାଟ

୩୧-ସମୟ ଚକରେ ସଂସାର ରଥ

୩୨-ଜୟ ଶ୍ରୀ ଜଗନ୍ନାଥ

୩୩-ଅଛି ଯଦି ତୁମ ମନେ

୩୪-କିଛି କଥା କିଛି ବ୍ୟଥା

୩୫-ତୁ ମୋର କିଏ

୩୬-ମାଆ ପରି କେହି ନାହିଁ

୩୭-ଲକ୍ଷେ ଶାଳଗ୍ରାମ

୩୮-ମଉଳି ଯାଇଛି ଆକାଶର ଜହ୍ନ

୩୯-ମନ ମୟୂରୀ

୪୦-ମୃତ୍ୟୁ ପୁଣି ଏମିତି ଆସେ

୪୧-ଖୋଲି ଦିଅ
୪୨-କାମନା ବାସନା
୪୩-ବାଉଳା ମନ
୪୪-ଗିରି କନ୍ୟା
୪୫-ଭକ୍ତ ବଶ୍ଚଳ
୪୬-ଜୀବନ
୪୭-ସକୁନି
୪୮-ଅନ୍ଧ,ମୁକ ବଧିର
୪୯-କେମିତି ଜୀଇଁବ
୫୦-ସ୍ୱପ୍ନର ସାଥି
୫୧-ମିଛ


ପ୍ରବନ୍ଧ

୫୨-ଗଣକବି ବୈଷ୍ଣବ ପାଣି


କାହାଣୀ

୫୩-ସୁଜନ ସଙ୍ଗେ କଲେ ବାସ
୫୪-ପ୍ରଥମ ଚିଠି
୫୫-ଇଟିଲି ସମ୍ଭାର
୫୬-ତୁମେ ମୋ ସାବିତ୍ରୀ
୫୭-ଆମୃ ବଡୀମା
୫୮-ମଣିଷର ପ୍ରକୃତ ପ୍ରକୃତି


# ରାଜଶ୍ରୀ

# ଶ୍ରୀ ଦାଶରଥି ଶତପଥୀ ( ଭା. ପ୍ର . ସେ )
# ସଚିବ, ଓଡିଶା ବିଧାନସଭା, ଭୁବନେଶ୍ୱର ।



ଓଡ଼ିଶାର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଧର୍ମୀ ସାରସ୍ୱତ ପ୍ରତିଷ୍ଠାନ ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ ତାର ମାର୍ଚ୍ଚ, ଏପ୍ରିଲ ଏବଂ ମେ ମାସ ଇପତ୍ରିକା " ରାଜଶ୍ରୀ " ଲୋକାର୍ପିତ କରିବା ଏବଂ ଆବାସୀ ବୈଠକ ମାଧ୍ୟମରେ କବିତା ପାଠୋତ୍ସବ କରିବା ଜାଣି ମୁଁ ବିଶେଷ ଆନନ୍ଦିତ। ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ନୀତିନିଷ୍ଠ ଭାବେ କାର୍ଯ୍ୟ କରୁଥିବା ଅନୁଷ୍ଠାନ କ୍ରାନ୍ତିକାରୀ ପଦକ୍ଷେପ ନେଇ ଜନମାନସରେ ଯେଉଁ ନୂତନ ବାର୍ତ୍ତା ପ୍ରଦାନ କରୁଛି ଏବଂ ସମାଜର ଶେଷଧାଡିର ମଣିଷ ପାଖରେ ଠିଆ ହୋଇ ଯେପରି ଆହା ପଦେ କହୁଛି-- ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ । ସମାଜର ସଂସ୍କାର ଦିଗରେ ଏବଂ ସାହିତ୍ୟ ଓ ସଂସ୍କୃତି ଧର୍ମୀ ସାରସ୍ୱତ ସର୍ଜନା ମଧ୍ୟରେ ଅନୁଷ୍ଠାନଟି ନାନାବିଧ ସମସ୍ୟା ସମାଧାନରେ ନିଜକୁ ବ୍ରତୀ କରିବା ସଙ୍ଗେ ସଙ୍ଗେ ଅନେକ କବି କଥାକାରଙ୍କୁ ସୃଷ୍ଟି କରିବା ପାଇଁ ପ୍ରୋତ୍ସାହନ ଦେଉଥିବାରୁ ଆଜିର ଶୁଭ ଅବସରରେ ରାଜଶ୍ରୀର ସଭାପତି, ସମ୍ପାଦକ,ମାର୍ଗ ନିର୍ଦ୍ଦେଶକ ତଥା ପରିବାରର ସମସ୍ତ କବି କଥାକାର ଏବଂ ପ୍ରିୟ ପାଠକ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଅଜସ୍ର ଶୁଭକାମନା ଜ୍ଞାପନ କରୁଅଛି। ଆଜକୁ ଠିକ ଦେଢ଼ ବର୍ଷ ତଳେ ମୋ ଦ୍ୱାରା ଉନ୍ମୋଚିତ ରାଜଶ୍ରୀ ଇପତ୍ରିକା ଆଜି ଦେଶବିଦେଶରେ ନିଜ କାୟା ବିସ୍ତାର କରି ଉଚ୍ଚ ପ୍ରଶଂସିତ ହୋଇ ଥିବାରୁ ମୁଁ ଆନନ୍ଦରେ ଅଭିଭୂତ।

ରାଜଶ୍ରୀର ପ୍ରାତ୍ୟହିକ ସମୀକ୍ଷାୟନ,ମାସିକ ରାଜଶ୍ରୀ ଇପତ୍ରିକା ଏବଂ ତ୍ରୈମାସିକ ସାହିତ୍ୟ ପତ୍ରିକା " ରାଜଶ୍ରୀ" ଅନେକ ଅନାଲୋଚିତ ଓ ନବାଗତ ମାନଙ୍କୁ କୋଳେଇ ନେଇ ସେମାନଙ୍କ ସାରସ୍ୱତ ଚେତନାକୁ ପରିବ୍ୟାପ୍ତ କରିବାକୁ ଯେଉଁ ମହତ ଉଦ୍ୟମ ଅବ୍ୟାହତ ରଖିଛି ତାହା ଅଭିନନ୍ଦନୀୟ।

**ଆଜିର ଏହି ଶୁଭ ଅବସରରେ ଆନୁଷ୍ଠାନିକ କାର୍ଯ୍ୟଧାରାର ପରିପୂର୍ଣ୍ଣତା ଏବଂ ଇପତ୍ରିକା ର ପାଠକୀୟ ଆଦୃତି କାମନା କରୁଛି।**

**ଜୟ ଜଗନ୍ନାଥ।**



# ଶୁଭେଚ୍ଛା ବାର୍ତ୍ତା

## ଶ୍ରୀ କାଶୀନାଥ ରାଉତରାୟ
## ସଭାପତି, ରାଜଶ୍ରୀ, କୋରୋ, କେନ୍ଦ୍ରାପଡା

ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ, କୋରୋ, କେନ୍ଦ୍ରାପଡା ବର୍ତ୍ତମାନ ସାହିତ୍ୟ ଜଗତରେ ଏକ ଅଗ୍ରଣୀ ଓ ଚର୍ଚ୍ଚିତ  ଅନୁଷ୍ଠାନ ରୂପେ ଜାତୀୟ ସ୍ତରରେ ସମ୍ମାନିତ ।ଉକ୍ତ ଅନୁଷ୍ଠାନର ସମ୍ପାଦକ ତଥା ଆଶୁକବି ଶ୍ରୀଯୁକ୍ତ ହେମନ୍ତ କୁମାର ଜେନା , ମୁଖ୍ୟ ଉପଦେଷ୍ଟା ତଥା ବିଶିଷ୍ଟ ଶିକ୍ଷାବିତ ଶ୍ରୀଯୁକ୍ତ ସଞ୍ଜୟ କୁମାର ରଥ ମହୋଦୟ ଙ୍କ ସମେତ ଆମ ପରିବାରର ଅନ୍ୟ ପ୍ରମୁଖଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ, ନିଷ୍ଠା ଓ ସୁଦକ୍ଷ ପରିଚାଳନା ଆଜି ରାଜଶ୍ରୀକୁ ଓଡିଶା ସାହିତ୍ୟ ଜଗତର ସାରସ୍ୱତ ଶ୍ରୀକ୍ଷେତ୍ର ରୂପେ ପରିଗଣିତ କରାଇ ପାରିଛ। ଅଧିକନ୍ତୁ ଭାଷା ସାହିତ୍ୟର ବଳିଷ୍ଠ ରୂପକାର ତଥା ଓଡିଶା ବିଧାନସଭାର ମାନନୀୟ ସଚିବ ଶ୍ରୀଯୁକ୍ତ ଦାଶରଥି ଶତପଥୀଙ୍କ ପ୍ରେରଣା ଓ ପରାମର୍ଶ ସମ୍ପ୍ରତି ଓଡ଼ିଆ ଭାଷା ଓ ସାହିତ୍ୟକୁ ନେଇ ଗଢି ଉଠିଥିବା ସହସ୍ର ଅନୁଷ୍ଠାନମାନଙ୍କ ମଧ୍ୟରେ ରାଜଶ୍ରୀକୁ  ଏକ ଅନନ୍ୟ ଓ ଅପ୍ରତିଦ୍ୱନ୍ଦୀ ଅନୁଷ୍ଠାନ ରୂପେ ନିଜକୁ ପ୍ରତିପାଦିତ କରାଇ ପାରିଛି । ଏହାର ଦୈନିକ ସମୀକ୍ଷା ସମ୍ପୂର୍ଣ୍ଣ ନିଆରା ଯାହାକି ଅନ୍ୟ କୌଣସି ଅନୁଷ୍ଠାନରେ ଏଯାବତ ଦେଖିବାକୁ ମିଳେନା। ସମୀକ୍ଷାର ସଂଯୋଜନା ଓ ଅଳଙ୍କରଣରେ ନିଜର ସର୍ବୋତ୍ତମ ବୈଷୟିକ ଜ୍ଞାନ କୌଶଳ ବିନିଯୋଗ କରି ଏହାର ଦୈନିକ ଆସରକୁ ଦିନାନ୍ତରେ ଅତ୍ୟନ୍ତ ବର୍ଣ୍ଣାଢ୍ୟ କରି ଗଢି ତୋଳିବାର ବିନ୍ଧାଣି ସୁଶ୍ରୀ ସୁପ୍ରିୟା ସାହୁ ଓ ଅନ୍ୟ ମାନେ ନିଶ୍ଚିତ ଭାବେ ଧନ୍ୟବାଦର ପାତ୍ର।

ଅତ୍ୟନ୍ତ ଆନନ୍ଦର ବିଷୟ ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ ତାର ଇ-ପତ୍ରିକାର ଚତୁର୍ଦ୍ଦଶ ତମ ସଂସ୍କରଣ ଉନ୍ମୋଚନ କରିବାକୁ ଯାଉଛି। ଓଡ଼ିଆ ଭାଷା ଓ ସାହିତ୍ୟର ଶ୍ରୀବୃଦ୍ଧି କ୍ଷେତ୍ରରେ କ୍ରମାଗତ ଭାବରେ ପ୍ରକାଶିତ ଉକ୍ତ ଇ-ପତ୍ରିକା ଏକ ନୂତନ ଦିଗନ୍ତ ସୃଷ୍ଟି କରୁ ଏହାହିଁ ମୋର କାମ୍ୟ।

ଜୟ ଶ୍ରୀ ଜଗନ୍ନାଥ ।



# ସମ୍ପାଦକୀୟ


ସଞ୍ଜୀୟ ରଥ

ଚିନ୍ତାମଣିଶ୍ୱର, ଭୁବନେଶ୍ୱର


ସାହିତ୍ୟ ଏକ ଭାବବୋଧ ବୌଦ୍ଧିକ ଚେତନାର ବିକଶିତ ପ୍ରତ୍ୟାର୍ପଣ ଉପଯୋଗୀ ଚୈତନ୍ୟ ଭାବ ଧାରାର ଉତ୍ସର୍ଗୀକୃତ ଧାରା ହୋଇଥିବା ସମୟରେ କଳା ତାହାର ସାଙ୍କେତିକ ପରିପ୍ରକାଶର ଆଙ୍ଗିକ ବା ରୂପଚିତ୍ର ପ୍ରଦର୍ଶିତ ଧାରାର ଦାୟିତ୍ୱ ବହନ କରିଥାଏ। ସାହିତ୍ୟ ସହ ସେହି ସାଙ୍କେତିକ କଳାର ଘନିଷ୍ଠତା ନଥିବା ସମୟରେ କଳା ଉଭୟ ବର୍ଗଙ୍କୁ ସାଥିରେ ନେଇ ଏକ ଚିତ୍ତବିନୋଦନ ଆମୋଦ ଉଦ୍ରେକ ଭାବଧାରାକୁ ଜନ୍ମ ଦେଇଥାଏ। କୌଣସି ଦୃଷ୍ଟି ବାଧିତ, ଶ୍ରବଣ ହୀନ,ବାକ୍ ଶକ୍ତି ବିହୀନ ବ୍ୟକ୍ତି ପାଇଁ କଳାହିଁ ଅଧିକ ଉପଭୋଗ୍ୟ ହୋଇ ଜୀବନକୁ ଅଧିକ ଆମୋଦିତ କରିବାରେ ସକ୍ରୀୟ ଭୂମିକା ଗ୍ରହଣ କରିଥାଏ। ମାତ୍ର କଳା ଭାଷା ବିନା ଏକପ୍ରକାର ପଙ୍ଗୁ ପାଲଟିଯାଏ। ଆଧୁନିକ କଳାକାରମାନେ ସେହି ସମସ୍ୟାକୁ ଅତିକ୍ରମ କରି "ମୂକ ନାଟିକା" ଅଭିନୟ ପରି କଳା ସୃଷ୍ଟି କରିବା ଏବଂ ଅଭିନୟ ପ୍ରଦର୍ଶନ ପୂର୍ବକ ସଫଳତା ହାସଲ କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ ଛଡା ଆଉ କିଛି ନୁହେଁ। ଯେଉଁଥିରେ ଭାଷା ନୁହେଁ, କେବଳ କଳା ଅଭିନୟର ସଫଳ ରୂପାୟନରେ ମନର ଆବେଗିକ ଚିନ୍ତାଧାରା ଏବଂ ଭାବନାକୁ ପ୍ରତ୍ୟାର୍ପଣ କରିବାରେ କଳାକାର ସକ୍ଷମ। ଏହାର ସଂଖ୍ୟା ଖୁବ୍ ନ୍ୟୁନ ହେଲେ ମଧ ତାହା ଆଧୁନିକ ଯୁଗରେ ସବୁ ବର୍ଗର ଲୋକଙ୍କ ପାଇଁ ଏକ ମନୋରଞ୍ଜନଧର୍ମୀ କଳା ଉତ୍କର୍ଷତାର ମୂଲ୍ୟ ରଖେ।

ଅନ୍ୟପକ୍ଷରେ ସାହିତ୍ୟ ତା'ର ପରିସରକୁ ପରିବ୍ୟାପ୍ତ କରିବାରେ ଥିବା ଅନେକ ପ୍ରତିବନ୍ଧକକୁ ଖୁବ୍ ସହଜରେ ଦୂର କରିବାର କଳ୍ପନାକୁ ସାକାର କରି ଚାଲିଛି।ସେଥିରେ ସାଙ୍କେତିକ ପରିପ୍ରକାଶ ନୁହେଁ ବୌଦ୍ଧିକ ଚେତନାର ଉତ୍ସକୁ ବିଶ୍ଳେଷଣାତ୍ମକ ସୂତ୍ରରେ ଅନ୍ତର୍ଭେଦୀ କଳ୍ପନାରେ ରୂପାୟିତ କରିବାର ସମସ୍ତ କଳାକୌଶଳ ପ୍ରୟୋଗ କରି ପ୍ରୟୋଗାତ୍ମକ ଗବେଷଣାରେ ଗୋଟିକ ପରେ ଗୋଟିଏ ସଫଳତାର ପାହାଚ ଅତିକ୍ରମ କରି ଚାଲିଛି। ଏଥିରେ କଳା ଓ ସାହିତ୍ୟ ଉଭୟେ ଅତ୍ୟନ୍ତ ଏକ ପ୍ରତିଯୋଗିତା ସମ୍ପନ୍ନ ଭିତ୍ତି ଭୂମିରେ ବୈଜ୍ଞାନିକ ଦୃଷ୍ଟିକୋଣର ସହାୟତା ଗ୍ରହଣକରି ନିଜନିଜ କ୍ଷେତ୍ରରେ ଅଗ୍ରଗାମୀ ହେବା ଦୃଷ୍ଟିଗୋଚର ହୁଏ।

କଳାତ୍ମକ ବିକାଶ କ୍ଷେତ୍ରରେ ଛବି ଉତ୍ତୋଳନ ଏବଂ ଶବ୍ଦ ଗ୍ରହଣ ଦ୍ୱାରା ସେ ସବୁର ସଂରକ୍ଷଣ ତଥା ପ୍ରତ୍ୟାର୍ପଣ ବିଧି ସରଳ ସୁଗମ ହୋଇଥିବା ସମୟରେ ସାହିତ୍ୟ ତା'ର ସ୍ୱୟଂ ପ୍ରକାଶ କ୍ଷେତ୍ରରେ ଦୂରଗାମୀ ଯାତ୍ରାକୁ ଅତ୍ୟନ୍ତ ସଫଳତାର ସହିତ ପାଠକର ଅନ୍ତର୍ଆବେଗକୁ ସ୍ପର୍ଶ କରିବାରେ ସକ୍ଷମ ହୋଇଛି।କହିବା ବାହୁଲ୍ୟ ଯେ ସାହିତ୍ୟ ଏବଂ କଳା ଯେକୌଣସି ପ୍ରତିବନ୍ଧକକୁ ଏଡାଇ ଯିବାରେ ବିଜ୍ଞାନର ଗବେଷଣାତ୍ମକ ସୂତ୍ର ବେଶ୍ ସହାୟକ ହୋଇ ପାରିଛି, ଯାହାର କଳ୍ପନାରେ "ଇ" ପତ୍ରିକାପରି ମାଧ୍ୟମକୁ ଆଦରି ନେବାରେ ସମାଜ ଆଉ ପଛରେ ପଡି ରହିନାହିଁ। ଆଧୁନିକ ସମାଜରେ ଭାବ ଆଦାନ ପ୍ରଦାନ ଏବଂ ଗବେଷଣା କ୍ଷେତ୍ରରେ ଏହା ଏକ ଶ୍ରେଷ୍ଠ ଉପଲବ୍ଧି ବୋଲି କୁହାଯାଇପାରେ।

ସେହି ଆଧାରରେ ପର୍ଯ୍ୟବେସିତ ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ ତାର ମାର୍ଚ୍ଚ , ଅପ୍ରେଲ ଏବଂ ମେ ମାସର "ଇ" ପତ୍ରିକା ଆଜି ପରି ଏକ ଶୁଭ ଅବସରରେ ଲୋକାର୍ପିତ କରିବା ଅତ୍ୟନ୍ତ ଖୁସିର ବିଷୟ। ଏହି ଅନୁଷ୍ଠାନ ଦୀର୍ଘ ଚାରି ଦଶନ୍ଧିରେ ଉପନୀତ ତା'ର ପ୍ରତ୍ୟେକ ଗବେଷଣାଲବ୍ଧ ଜ୍ଞାନ କୌଶଳକୁ ଉତ୍ସର୍ଗ କରିବାରେ ଅନୁଷ୍ଠାନର ସ୍ରଷ୍ଟା ତଥା ସମ୍ପାଦକ ଶ୍ରୀ ହେମନ୍ତ କୁମାର ଜେନାଙ୍କର ନେତୃତ୍ୱ ବେଶ୍ ସୁସ୍ପଷ୍ଟ ଏବଂ ସର୍ବଜନ ବିଦିତ। ତାଙ୍କର ସୁଦୀର୍ଘ ଅଧ୍ଵବସାୟ,ତ୍ୟାଗ ଏବଂ ଗବେଷଣା ପାଇଁ ସେହି ମହାନ୍ ସାହିତ୍ୟ ସାଧକଙ୍କୁ ଅନେକ ଅନେକ ଧନ୍ୟବାଦ। ସଂଗଠନର ସଭାପତି, ଶ୍ରୀ କାଶୀନାଥ ରାଉତରାୟଙ୍କ ଅବଦାନ, ସଂଗଠନର ହିତ ଦୃଷ୍ଟିରୁ ଅତ୍ୟନ୍ତ ସ୍ୱତନ୍ତ୍ର ଏବଂ ଏକ ସୁବର୍ଣ୍ଣ କାଳଖଣ୍ଡର ଅଧ୍ୟାୟ ସୃଷ୍ଟି କରିଛି। ସଂଗଠନର ଉପଦେଷ୍ଟା ଭାବରେ, ସର୍ବଭାରତୀୟ ସେବାର ବରିଷ୍ଠ ଅଧିକାରୀ ଶ୍ରୀଯୁକ୍ତ ଦାଶରଥି ଶତପଥିଙ୍କ ଅବଦାନ ପ୍ରତ୍ୟେକ ଦୃଷ୍ଟିରୁ ଅବିସ୍ମରଣୀୟ।ସୁଦକ୍ଷ ପରିଚାଳନା ମଣ୍ଡଳୀର ପ୍ରତ୍ୟେକ ସଦସ୍ୟଙ୍କର ଅକୁଣ୍ଠ ସହଯୋଗରେ ସଂଗଠନ ଦେଶ ବିଦେଶରେ ଯେଉଁ କୀର୍ତ୍ତି ଅର୍ଜନ କରିଛି ତା'ର ଋଣ ସୁଝିବା କେବେବି ସମ୍ଭବ ନୁହେଁ। ସର୍ବୋପରି ପ୍ରତ୍ୟେକ କୃତି ସାହିତ୍ୟିକ, ଯେଉଁମାନଙ୍କୁ ଆଧାରକରି ସଂଗଠନ କୀର୍ତ୍ତି ମଣ୍ଡିତ ହୋଇଛି ସମସ୍ତଙ୍କୁ ଅଶେଷ ଅଶେଷ ଶୁଭେଚ୍ଛା ଓ ଅଭିନନ୍ଦନ।ଆଶା ପୂର୍ବବତ୍ ସହଯୋଗ ବଜାୟ ରଖିବେ।

# କବିତା ବିଭାଗ

# ନିର୍ଜନତା




## ଦାଶରଥୀ ଶତପଥୀ


ବେଳେବେଳେ ମୋତେ ଲାଗେ
ମୁଁ ଜଣେ ଅଜଣା ରାସ୍ତାର ପଥିକ
ଫେରିବାକୁ ବାଟ ନାହିଁ
ନାହିଁ କେହି ସାଙ୍ଗ ସାଥି
ସଖା ସହୋଦର ।

ତୁମେ କଣ ମୋତେ
ଟାଣି ନେଉଛ ଅନ୍ଧାରକୁ
କେଉଁ ଏକ ଅଦୃଶ୍ୟ  ଅନ୍ଧାରୀ ଗୁମ୍ଫାକୁ
କିନ୍ତୁ , ମୁଁ ଚାହେଁ ..........
ମୁକ୍ତି ବନ୍ଦୀଶାଳାରୁ
ଲୋଭ ମୋହଗ୍ରସ୍ତ ସଂସାର ଜଞ୍ଜାଳରୁ ।

ତୁମେ ଏଭଳି ଏକ ଶକ୍ତି
ପାଖରେ ଥିଲେ କହ ଦୂରଦୂର
ପାଖରୁ ଗଲେ ଡାକ
ଫେରିଆସ ଫେରିଆସ
କାହିଁକି ନା ଏ ସମୟତକ ତଫାତ ।

କିନ୍ତୁ, ଖୋଜେ ତୁମେ ଓ ମୁଁ
ଏକ ନିର୍ଜନତା ମୁହୂର୍ତ୍ତକୁ
କେବଳ ଦରକାର ତମର
ତୁମ କୃଷ୍ଣବେଣୀର ବେଶ
ଖିଲିଖିଲି ହସ ଆଉ
ମେଞ୍ଚାଏ ରୋମାନ୍ସ ।

ସେଥିପାଇଁ ତୁମେ ମୋର ସୂର୍ଯ୍ୟଘଡି
ତୁମେ ମୋର ସମୟର ଋତୁଚକ୍ର
ତମେ ପୁଣି ଦେବୀ ଅଭିସାରୀ
ତମେ ମୋ ପାଇଁ ଶ୍ରୀରାଧା
ପ୍ରେମ ଆଉ ଫଗୁଣର
ପୁଲାପୁଲା ଉନ୍ମାଦନା ।

ଏବେ କିନ୍ତୁ ଡ଼ରୁଛି
ଛାଡ଼ିବାକୁ ଚାହୁଁ ନାହିଁ
ନିର୍ବିକାର ସ୍ୱପ୍ନରେ ବିଲୀନ ହେଉଛି
ତୁମ ଦୁଃଖ ତୁମ ହସ
ମୋ ପାଇଁ ଜୀବନ୍ତ ନିସାନ୍ ।

ତୁମେ ଛାଡ଼ି ଗଲ ଅଫେରା ରାଇଜକୁ
କେଉଁ ଅନ୍ଧାରୀ ମୁଲକେ
ସେଠି ବି ଥିବ ନିର୍ଜନତା
ନଥିବ କୋଳାହଳ
ଏଠି ବି ମଧ୍ୟ ସେହି ନିର୍ଜନତା
କିନ୍ତୁ............
ତାରି ଭିତରେ ତୁମ ସ୍ମୃତି ଚିହ୍ନ
ବଞ୍ଚିବାକୁ ହେବ ଏଇ ସମାଜରେ
ଛଳନାର ମୁଖାପିନ୍ଧା
ସମାଜ ଭିତରେ ।

ଖୋଜିବାକୁ ହେବ ନିର୍ଜନତାର ଉପସ୍ଥିତିକୁ ..........
କିଏ ଦେବ..........?
ମୁଁ ତ ଅସହାୟ
ଚୁପ ରହିବାକୁ ........... ।


*ସଚିବ*
*ଓଡ଼ିଶା ବିଧାନସଭା*
*ମୋବାଇଲ ନଂ-୯୪୩୮୦୮୧୭୧୩*

# ଅନୁଭବର ସ୍ପର୍ଶରେ




## ସସ୍ମିତା ପଣ୍ଡା


ଜୀବନର ଧାଡ଼ି ଧାଡ଼ି ଗପରେ
ଲେଉଟାଣି ଡାହାଣୀଆ ଖରା
ତାଳୁରୁ ତଳିପା ଯାଏ
ତରଳେ ଉତପ୍ତ
କେଉଁ ଅଳସୀ ନଈର ଡାକରେ
ତୁମ ବୟସର କୃଷ୍ଣଚୂଡା
ଓହ୍ଲାଇ ଆସିଲା
ଆଙ୍କି ଦେଲା ମଣିପଦ୍ମ
ତୁମ କବିତା ପଂକ୍ତିରେ ।

ବର୍ଷା ଯେବେ ଭୁଲିଛି ବର୍ଷଣ
ରାତି ଶୁଏ ବହଳ ଅନ୍ଧାର ଶେଯେ
ସମୟର ଶେଷହୀନ ଶ୍ଳେଷ
ଅସହ୍ୟ ମୁଦ୍ରାରେ
କେଉଁ ଶ୍ରାବଣର ନୀଳବିନ୍ଦୁ
ଖୋଜିଲା ତୁମକୁ
ପାଲଟିଲା ମନ୍ଦ୍ରମେଘମାଳା
ତୁମେ ହେଲ  ଶ୍ୟାମଳ ଶ୍ୟାମଳ ।

ସୀମାନ୍ତରେ   ଆତଙ୍କର ଉପପାଦ୍ୟ
ସ୍ୱପ୍ନ ହଜେ ନିବୁଜ ପହରେ
ଅନ୍ତରରେ ଅଭ୍ୟନ୍ତରେ
ଦୁଃସ୍ୱପ୍ନର କାୟା
କାହାର କଜ୍ଜଳ ଗାରରେ
ଝୁଲିପଡେ ଛବିଟିଏ
ତୁମ ଇଚ୍ଛା ମାନେ ଛୁଇଁ ଗଲେ
ଫର୍ଦ୍ଦ ଫର୍ଦ୍ଦ ଆଲୋକକୁ
ଖୋଲିଗଲା ଧୀରେ ଧୀରେ
ନଳିନୀର ମୁଦ୍ରା ।।


ଉପସଭାପତି,ରାଜଶ୍ରୀ
କଟିକଟା, କଟକ

# ନିତି ମୁଁ ବୋହୁଛି



ପ୍ରଣତି ମହାପାତ୍ର

ନିତି ମୁଁ ବୋହୁଛି ନିଜ କାନ୍ଧେ ନିଜ
ଶବ ଯେ ମଶାଣି ଭୂଇଁ,
ନିଜ ହାତେ କାଠ ସଜାଡ଼ି ଦେଇ ମୁଁ
ଜାଳୁଛି ମୋ ନିଜ ଜୁଇ,
ଯନ୍ତ୍ରଣାକୁ ସହି ସହି
ପାଲଟି ଯାଇଛି ପାଷାଣ ପ୍ରସ୍ତର
କାହାକୁ କହିବି କାହିଁ।
ନିତି ମୁଁ ବୋହୁଛି---।।

ସୂରୁଜ ଉଇଁବା ଆଗୁ ବୋହୁଥାଏ
ପୁଣି ସେ ଉଇଁବା ଯାଏ,
ସଳଖି ଚାଲିବା ଆଗୁ ବୋହିବହି
ତଥାପି ଥକି ନ ଯାଏ,
କା'କଥାରେ କିବା ଯାଏ
ମୋ ଭଳି ଅନେକ ଅନ୍ଧାରରେ ନିଜ
ଶବକୁ କେ ଜାଳୁଥାଇ।
ନିତି ମୁଁ ବୋହୁଛି...।।

ଜନମ ବେଳରୁ ମରଣ ପର୍ଯ୍ୟନ୍ତ
ଭାର କେବେ କମେନାହିଁ,
ନାକ ଛୁଉଁ ଥାଏ ମାଟିରେ ତଥାପି
କା'ଆଖିକୁ ଦିଶେ ନାହିଁ।
ବାଃ ସୃଷ୍ଟି କର୍ତ୍ତା ତୁହି
କି ଲାଭ ପାଉ ତୁ କି ଯଶ ଲଭୁଛୁ
ନିତି ଜୁଇରେ ଜଳାଇ।
ନିତି ମୁଁ ବୋହୁଛି .....।।

ଫକୀରମୋହନ ନଗର,
ବାଲେଶ୍ୱର

# ପ୍ରେମ ଚିରନ୍ତନ ଶାଶ୍ୱତ



## ବାସନ୍ତୀ ଲତା ଜେନା

ପ୍ରେମ ହିଁ ଶାଶ୍ୱତ ପ୍ରେମ ଚିରନ୍ତନ
ପ୍ରେମ ହିଁ ଜୀବନ ଜ୍ୟୋତି
ଶାଶ୍ୱତ ପ୍ରେମରେ ବନ୍ଧା ଏ ସଂସାର
ପ୍ରେମ ସୁମଧୁର ଗୀତି ।୧।

ପ୍ରେମ ହିଁ ବିଶ୍ୱାସ ପ୍ରେରଣାର ଉତ୍ସ
ଦୁଇଟି ମନର ସ୍ଥିତି
ପ୍ରେମ ହିଁ ଭକତି ପ୍ରେମ ହିଁ ଶକତି
ପ୍ରେମ ମିଠା ମିଠା ସ୍ମୃତି ।୨।

ପ୍ରେମ ଶବ୍ଦ ପରା ଅଢେଇ ଅକ୍ଷର
ମମତା ବନ୍ଧନ ଡୋରି
ପ୍ରୀତି ପ୍ରଣୟର ମଧୁର ସଂଗୀତ
ହୃଦୟରୁ ଯାଏ ଝରି ।୩।

ରାଧା କୃଷ୍ଣଙ୍କର ଶାଶ୍ୱତ ପ୍ରେମର
ଯୁଗର ଗାରିମା ଗାଏ
ନିଃସ୍ୱାର୍ଥ ପ୍ରେମର ଅନାବିଳ ଭାବ
ଜୀବନକୁ ବାନ୍ଧି ଦିଏ ।୪।

ଶ୍ରୀକୃଷ୍ଣ ପ୍ରେମରେ ମଜି ରହି ଥିଲେ
ରାଜ ରାଣୀ ମୀରା ବାଇ
ଗରଳ ପିଇଲେ କୃଷ୍ଣ ନାମ ଧରି
ଅମୃତ ଗଲା ଯେ ହୋଇ ।୫।

ଦୂର ଆକାଶରେ ଚାନ୍ଦ ହସୁ ଥାଏ
କଇଁର ପ୍ରେମକୁ ଚାହିଁ
ସୂରୁଜ ପଦ୍ମଙ୍କ ପ୍ରୀତିର ବାରତା
ଜଗତକୁ ଦିଏ କହି ।୬।

ଶ୍ରୀକୃଷ୍ଣ ସୁଦାମା ଦାସିଆ ବାଉରୀ
ମାଣିକ ଯେ ଗଉଡୁଣୀ
ବନ୍ଧୁ ମହାନ୍ତିଙ୍କ ଶାଶ୍ୱତ ପ୍ରେମ ଯେ
ପୁରାଣ ଗାଏ କାହାଣୀ ।୭।

ପ୍ରେମ ବିନା ନାହିଁ ଜୀବନର ସ୍ଥିତି
ନିରାଶାର ମରୁ ଝର
ନୀରସ ଜୀବନ ଶୁଷ୍କ ହୋଇ ଯାଏ
ବଞ୍ଚିବା ତ କଷ୍ଟକର ।୮।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

# ଐଶ୍ୱର୍ଯ୍ୟ ଶାଳିନୀ ଉତ୍କଳ ଜନନୀ

## ପ୍ରତାପ କିଶୋର ରାଉତ



( ରାଗ - ଚୋଖୀ )

ବନ୍ଦେ ଉତ୍କଳ ଜନନୀ    କୋଟିଜନ ବିମୋହିନୀ
ଉତ୍କର୍ଷ କଳା ମଣ୍ଡିତ ଶ୍ରୀଅଙ୍ଗେ ତୋର
ଭବ୍ୟ ମନ୍ଦିର ମାଳିନୀ    ଯଶ କୀର୍ତ୍ତି କିରୀଟିନୀ
ବାମାଙ୍ଗ ପ୍ରକ୍ଷାଳେ ସଦା ମହାସାଗର
କୋଟି ପୂଣ୍ୟ ତୀର୍ଥାଳୟରେ
ଅନିନ୍ଦ୍ୟ କଳା ଭାସ୍କର୍ଯ୍ୟ ନୟନ ହରେ ।୧।

କଳାରେ ବିଶ୍ୱ ମୋହିଛୁ    କୋଣାର୍କ କାଂଥେ ଲେଖିଛୁ
ଗଉରବ ଶାଳୀ ଇତିହାସ ତୋହର
ମହାନଦୀ ବୈତରଣୀ    ସୁବର୍ଣ୍ଣରେଖା ବ୍ରାହ୍ମଣୀ
ଗାଆନ୍ତି ଅମୀୟ ଗୀତି ବହି ସତ୍ୱର
ଦେଓମାଳି ମେଘାସନରେ
ତୋ କୀରତୀ ବୈଜୟନ୍ତୀ ଉଡୁଛି ବାରେ ।୨।

ଆଦିକବି ପଞ୍ଚସଖା    ଅନବଦ୍ୟ କୃତି ଲେଖା
ବାଣୀ ଭଣ୍ଡାର ପୁରିତ ଦିବ୍ୟ କୃତିରେ
ଉପଇନ୍ଦ୍ର ଜୟଦେବ    ଅଭିମନ୍ୟୁ ବଳଦେବ
ଦୀନକୃଷ୍ଣ ଯଦୁମଣିଙ୍କ ଲେଖନୀରେ
ମହିମାମୟୀ ତୁ ହୋଇଛୁ
ଅନନ୍ୟ ଗରୀମା ତୋର ବଖାଣି ଅଛୁ ।୩।

ବୀରଭୋଗ୍ୟା ବସୁନ୍ଧରା    ଶିରୀ ତୋର
ଅପାସୋରା
ତୋ କୁଞ୍ଜ କାନନ ଭରା ଦିବ୍ୟ ଶୋଭାରେ
ରାଧାନାଥ ଗଙ୍ଗାଧର    ମଧୁସୂଦନ ଫକୀର
ଗୋପବନ୍ଧୁ ନୀଳକଣ୍ଠ    ତୋର ସେବାରେ
ସରୋଜିନୀ ରମା କୁନ୍ତଳା
ତୋର ମହିମା ପ୍ରଚାର କଲେ ସୁଶୀଳା ।୪।

ଧନ୍ୟ ସେ ପାଇକ ବୀର    ଅସୀମ ବୀରତ୍ୱ ତାର
ବାରବାଟୀ କାନ୍ଥରେ ତା ହୋଇଛି ଲେଖା
ଚଣ୍ଡାଶୋକ ଅଶୋକକୁ    ଧର୍ମାଶୋକ କରି ତାକୁ
ସତ୍ୟ ଧର୍ମ ନ୍ୟାୟ ପଥେ ଦେଇଛୁ ଶିକ୍ଷା
ପୂଣ୍ୟ ଧାମ ନୀଳାଚଳରେ
ବିଜେ ଜଗତ ଠାକୁର ତୋ ସୁରକ୍ଷାରେ ।୫।

ଅକ୍ଷୟ କୀରତୀ ତୋର    ରହିଅଛି ଯୁଗାନ୍ତର
ବିଶ୍ୱକୁ ଦେଖାଇ ଅଛୁ ପୂଣ୍ୟର ପଥ
ଜ୍ଞାନ ବିଜ୍ଞାନ ଦର୍ଶନ    ମୋହି ଅଛି କୋଟି ମନ
ତୋ ସନ୍ତାନ କେବେ ମଣେ ନାହିଁ ଅନାଥ
ତୋ ଚରଣେ କୋଟି ପ୍ରଣାମ
ତୋ କୀରତୀ ବିଶ୍ୱେ ରହିଛି ଅନୁପମ ।୬।

--------------◆●◆--------------

ତେନ୍ତୁଳିପଦୀ , ହାଟଡିହି , କେନ୍ଦୁଝର

# ମାଟି ମନ୍ଦିରର ଦେବୀ
# (ପ୍ରଥମ ପର୍ବ)

ଅମରାନନ୍ଦ ନାୟକ

ଅନ୍ଧାର ରୁ ଟାଣି ଆଣି,
ଯିଏ ଦେଖାଇଛି, ସ୍ନିଗ୍ଧ ଆଲୁଅ ଜ୍ୟୋତି ,
ହାତ ଧରି ଥରଥର କହେ,
କ୍ଷିପ୍ର କର ତମ ଗତି।

ଅନ୍ଧାର ଆଲୁଅ ସୀମାରେ,
ଯିଏ ବସିଛି ତା ଗର୍ଭ ଚିରି,
ମଧୁକ୍ଷରା ତା ବିଶାଳ ଛାତିରେ,
ସାଇତି ରଖିଛି ମଧୁ ସୁଧାର ବାରି,
ଯିଏ ଶୁଣିଛି ମୋ ଆଦ୍ୟ କୁଆଁର,
ମୁଗ୍ଧ ମଧୁର ସ୍ନିଗ୍ଧ ଗୁଂଜରଣ,
ସିଏ କରିଛି ମୋ କଅଁଳ ପ୍ରାଣରେ
ଅପୂର୍ବ ଶକ୍ତିର ସଂଚାରଣ ।

ଯିଏ ଗଢିଛି ମୋ ବାଲ୍ୟ ବେଳାର,
ବର୍ତ୍ତୁଳ ମୁଖଶାଳା,
ଯିଏ ମୋ ପ୍ରାତଃ ଜୀବନ ଯଜ୍ଞର,
ପୁରୋଭାଗୀ ଦିବ୍ୟ ଶିଳା,
ଯିଏ ମୋ ବାଲ୍ୟ ଶୈଶବର,
ପ୍ରଥମ ଆରାଧ୍ୟା କଲ୍ୟାଣୀ
ସିଏ ମୋ ହୃଦ ସାମ୍ରାଜ୍ୟର,
ମୁକୁଟ ବିହୀନ ରାଜରାଣୀ ।।

ଯିଏ ମୋ ନିର୍ମଳ ହୃଦୟେ,
ଭରିଛି ପ୍ରୀତ ପ୍ରେମର ଶିହରଣ,
ଯିଏ ବାଲ୍ୟ ଶୈଶବ ଯୌବନ,
ଫୁଲ ବନେ ଦୃଢ ଅଭେଦ୍ୟ ତୋରଣ,
ଯିଏ ଶୁଣାଇଛି ବାଲ୍ୟ କାଳରେ,
ଶୁଦ୍ଧ ପ୍ରଣବ ଉଚ୍ଚାରଣ,
ସିଏ ଲେଖାଇଛି ମାଟି ସିଲଟରେ,
ତ୍ରିଦେବ ରୂପର ତିନି ଶୂନ ।।

# ଶୋଭାମୟୀ ପତ୍ରୀ

ଏଠି ଗରାଏ ଲୁହ
ବିନିମୟରେ ମିଳେନାହିଁ କିଛି
ମୁଠାଏ ଚାଉଳ ବଦଳରେ କିନ୍ତୁ
ମିଳିଯାଏ ଅନେକ କିଛି,
ମୋହ ଠାରୁ କୋହ ଯାଏଁ
ଜୀବନ ଠୁଁ ଦେହ ଯାଏଁ ।।

ଖୁବ ଭଲ ଚାଲେ ବିପଣି କାରବାର
ଭଙ୍ଗାଗଢା ଦିଆନିଆ ବେପାର
ଅନେକ ପଛରେ ରହିଯାଏ
ସମ୍ପର୍କର ବୟସର ସୀମାରେଖା
ଯେତେକ ଅଛିଣ୍ଡା ଗଣିତ
କଷି ହୋଇଯାଏ ଜୀବନ କଷଟିରେ,
ଶୋଷ ମେଣ୍ଟାଏ ଚାଉଳ ମୁଠାଏ ସିନା
ପେଟ ଭୋକ କିନ୍ତୁ ମେଣ୍ଟେନା
ସୁର ଲୟ ତାଳ ଛିଡ଼ିଯାଏ ଅଥଚ
ପବନଟା ତ ସେଇମିତି ଚାଲୁଥାଏ
ଶତାବ୍ଦୀର ଶେଷ ଯାଏଁ ।।

ଆଖିଗାତ  ନାକପୁଡ଼ା ଆଉ ପିଞ୍ଜରା ଉହାଡ଼େ, ହେଲେ
ପାର୍ଥିବ ମୋହ ତାର ତୁଟେନା,
ପେଟ ଭୋକ କେବେ ମେଣ୍ଟେନା।।

ସୁନ୍ଦରପାଳ, କେନ୍ଦ୍ରାପଡ଼ା

# ଏବେବି ଆସନ୍ତି ବାଙ୍କ ବିହାରୀ



## ଅଧ୍ୟାପକ ଡ଼,ରମାକାନ୍ତ ନାୟକ ।

ସୂର୍ଯ୍ୟ ନଇଁଆସେ
ରାତ୍ରୀର ଆୟୁଷ ବଢେ
ବିଭୋର ଆବେଗ କାଳିମାର ପଟ୍ଟଭୂମିରେ
ତୁମେ ଆସୁ ଆସୁ ସବୁକିଛି ବଦଳିଯାଏ
ମଳୟ ପବନରେ
ମହକୁ ଥାଏ ସାରା ନିଧିବନ, ଦ୍ୱାରିକାର ବୃନ୍ଦାବନ
ନିମ୍ନମୁଖି ତୁଳସୀର ବୃକ୍ଷ
ନୃତ୍ୟରତା ଆଲିଂଗନେ
ପାଦପର ପାଦ ଝଙ୍କୃତ ହୁଏ
ଘୁଙ୍ଗୁରର ସ୍ୱନେ
ଅଳସି ରାତ୍ରୀର ନିଦ୍ରାଭଙ୍ଗ କରେ ||

ହେ ବାଙ୍କବିହାରୀ !
ତମ ଉପସ୍ଥିତ
ବାରି ହୋଇଯାଏ
ଖୋଲିଯାଏ ସାତ ତାଲାରେ
ନିବୁଜ ରଙ୍ଗମହଲ
ହୁଏ ରାସେଶ୍ୱରୀଙ୍କ ମାନଭଞ୍ଜନ
ଦୁଇ ଜୀବ ପରମର ମିଳନ
ଉଦ୍ଭାସିତ ହୁଏ ମହାଜାଗତିକ ଲୀଳା
ସୃଷ୍ଟିର ସର୍ଜନାରେ
ଜଗିଉଠେ ଇଚ୍ଛାଶକ୍ତି, ଜୀବଶକ୍ତି, ମାୟାଶକ୍ତି ଆଦି ଷୋଡଶଶକ୍ତି ସହ
ଅନ୍ତରଂଗା ଶକ୍ତି ଚିତ୍ ଜଗତରେ ପ୍ରକାଶିତ ହୁଏ ଶ୍ରୀରାଧାଙ୍କ ଆହ୍ଲାଦିନୀ
ଶକ୍ତି
ମିଳନ ହୁଏ ଲକ୍ଷ୍ମୀ ରୂପୀ ରାଧା, ନାରାୟଣ ରୂପୀ କୃଷ୍ଣସହ ଅପାକୃତ
ପ୍ରେମ ବୃନ୍ଦାବନେ ସେହି ମଧୁବନେ
ସମସ୍ତ ତୁଳସୀ ବୃକ୍ଷର ଆତ୍ମା ପୁଞ୍ଜିଭୂତ ହୁଏ ଗୋପୀଙ୍କ ଶରୀରେ,
ମଧୁର ବଂଶୀର ମୂର୍ଚ୍ଛନାରେ
ଘୁଙ୍ଗୁର ତାଳରେ
ଆରମ୍ଭ ହୁଏ ରାସଖେଳ,
ମହାନ ଚୈତନ୍ୟ ସ୍ପର୍ଶ ପାଇଁ ହଜିଯାଆନ୍ତି ଶ୍ରୀରାଧା ଗୋପୀକା ସହ
ବାଙ୍କବିହାରୀ
ପରମ ଚୈତନ୍ୟ ମିଳନ ||

ଶୁଣନ୍ତି ସଭିଏଁ, ଅନୁଭବୀ
ଅନୁଭବ କରେ,
ବାଙ୍କବିହାରୀଙ୍କ ମହାରାସ ଯେ ଦେଖିଛି ଗୁପତେ, ନିଜର ଚୈତନ
ହରାଇ ହୋଇଛନ୍ତି ଏକଭୂତ ଦେଖନ୍ତି ଜୀବନର ଶେଷକ୍ଷଣ,

# ମଧୁଋତୁ ରାଟ



## ବିପିନ ବିହାରୀ ବାରିକ

ମଧୁଋତୁ ରାଟ ପୁଷ୍ପର କିରୀଟ
କରି ଶିର ଆଭରଣ
ନବ କିଶଳୟ ସବୁଜ ପର୍ଣ୍ଣରେ
କରିଲେ ଧରା ମଣ୍ଡନ ॥

ପଞ୍ଚମ ତାନରେ କୋଇଲିର କୁହୁ
କୂଜନେ ଉଲ୍ଲସେ ଧରା
ଆଜନମ ଶତ୍ରୁ ଶୀତ ଖରା ଏବେ
ଯୁଗଳ ବନ୍ଦୀରେ ପରା ॥

ମୃଦୁ ମନ୍ଦ ମନ୍ଦ ମଳୟର ଛନ୍ଦ
ସୁମନ ବାସ ଚୋରାଇ
ବିତରଇ କ୍ଲାନ୍ତେ ବିଲ ବନ ପ୍ରାନ୍ତେ
ଆନନ୍ଦେ ଉଲ୍ଲସେ ମହୀ ॥

ପଳାସ ସଶିମୁଳି ରକ୍ତ ବର୍ଣ୍ଣ ବିଭା
ଆକର୍ଷଇ ପାନ୍ଥ ଆଖି
ଚାହାନ୍ତେ ପଥିକ ହୁଏ ଆନମନା
ମନ ପ୍ରାଣ ଯାଏ ଲାଖି ॥

ପଦ୍ମିନୀ ସୁନ୍ଦରୀ ତଡାଗ ନୀରରୁ
ଗ୍ରହରାଜ ପଥ ଚାହେଁ
ଛୁଇଁଲେ ତା ତନୁ ବସନ୍ତ ମଳୟ
ରୋଷେ ମୁହଁ ମୋଡ଼ିନିଏ ॥

ନବ ମଲ୍ଲୀ କଢି ହସେ ପ୍ରୀତିଛନ୍ଦେ
ତା ପ୍ରିୟ ଭ୍ରମର ପାଇଁ
ହେଲେ ତାର ପାଶ ଭ୍ରମର ନିରାଶ
ପବନେ ଯାଏ ଦୂରେଇ ॥

ବସନ୍ତ ବିଭବ ବିକାଶି ଅଶୋକ
ପ୍ରୀତି ଅଭିସାରେ ବାଇ
ପ୍ରୀତିରଙ୍ଗ ବୋଳି ଖେଳେ ଲୁଚକାଳି
ପ୍ରଣୟ ସଂଗୀତ ଗାଇ ।

ସଦ୍ୟ ମୁକୁଳିତ ଚୂତ ବଉଳରୁ
ଝରି ପଡେ ପ୍ରୀତି ମଧୁ
କୋଇଲି କହୁଛି ପଞ୍ଚମ ସ୍ୱରରେ
ସେ ପରା ବସନ୍ତ ବଧୂ ॥

ରାଧାବିନୋଦଙ୍କ ପଞ୍ଚଦୋଳି ମେଳ
ବସିଛି ଅବିର ହାଟ
ରଙ୍ଗର ବରଷା ଭିଜାଉଛି ତନୁ
ହଜୁଛି ମାନ ମହତ ॥

ପ୍ରଜ୍ଞା ନେତ୍ର ଦାୟୀ ହଂସ ବାହିନୀଙ୍କ
ବସନ୍ତ ପଞ୍ଚମୀ ଯାତ
ବସନ୍ତେ ବାସନ୍ତୀ ପୂଜା ମହୋତ୍ସବ
ବଢେ ବସନ୍ତ ମହତ ।

# ଅଳତାର ଗାର



## ଗୀତାଞ୍ଜଳି ସାହୁ

ଅଳତାରେ ତୁହି ଭାରି ପୁଣ୍ୟବତୀ,
ଲାଗୁଥାଉ ପ୍ରିୟତମା ପାଦେ ନିତି,
ତୋତେ ଦେଖି ମୋର ମନ ପ୍ରଜାପତି,
ନିରେଖି ଦେଖୁଛି ମୋ ମନ ନିହାତି।

ସୁବର୍ଣ୍ଣ ଶରୀରେ ରକ୍ତମୟ ଗାର,
ବଢାଏ ତୋହର ରୂପର ସମ୍ଭାର,
ଚେତନା ଜଗାଏ ମାନସ ପଟର
ଦେଖିବାକୁ ମନ ହୁଏ ତରତର।

ଅଳତା ପିନ୍ଧାସେ ଦୁଇଗୋଟି ପାଦ,
ଡେଇଁ ଗଲାପରେ ଏରୁଣ୍ଡିର ବନ୍ଧ,
ନିତି ରାତି ଭାଙ୍ଗୁଥିବ ପ୍ରେମବନ୍ଧ,
ପାଇ ପ୍ରଣୟର ମଧୁର ସୁଗନ୍ଧ।।

ହାତେ ହାତେ ଛନ୍ଦି ପ୍ରେମଡୋରେ ବାନ୍ଧି,
ମିଳନ ରଜ୍ଜୁରେ କରିଦେଇ ବନ୍ଦୀ,
ସାକ୍ଷୀ ରହିଥିବ ବିବାହର ବେଦୀ,
ବିଧାତା ତୋ ସାଥେ ମୋତେ ଦେବ ଛନ୍ଦି।।

ତୋ ସାଥେ ପାଇବ ମୋ ନିତି ସକାଳ,
ତୋ ସାଥିରେ ଜଣା ପଡ଼ିବନି ବେଳ,
ତୋହର ରୂପରେ ନାହିଁ ଥଳକୁଳ,
ବିଚରା ଏମନ ହେଉଛି ପାଗଳ।।

ରାତିର ଇତିରେ ପ୍ରୀତି ସମାପନ,
ନହୋଇଲେ ହେବ ପ୍ରଭାତେ ପୂରଣ,
ଅଳତାର ଗାର ଦେହସାରା ଜାଣ,
ଧିରେ ଧିରେ ଧନ୍ୟ ହୋଇବ ଜୀବନ।

ଗରାପୁର, କେନ୍ଦ୍ରାପଡା

# ଅହଂକାର



# ସୁପ୍ରିୟା ସାହୁ

ମଧୁମୟ ବିଶ୍ୱେ ମାନବ ଜୀବନ
ଗଢ଼ା ପରା ଅମୃତରେ
ଅମୃତ ସନ୍ତାନ ଅମୃତେ ଧିଆନ
ରଖୁନାହିଁ ପ୍ରକୃତରେ।।

ଦିବ୍ୟଜ୍ଞାନ ଧାରୀ ଏ ଧରା ମାନବ
ବହୁ ଜନ୍ମ ତପସ୍ୟାରେ
ଚୌରାଅଶି ଯୋନି ଭ୍ରମି ଭ୍ରମି ଜନ୍ମ
ନିଏଟି ଦୈବ ଇଚ୍ଛାରେ।।

ସତ୍ୟ ଶାନ୍ତି ଦୟା କ୍ଷମା ଆଦି ଗୁଣ
ବିଷ୍ଣୁ ଙ୍କ ଠାରୁ ପ୍ରାପତି
କିନ୍ତୁ ମୂଢ଼ ଜନ ସଂସାର ଜଞ୍ଜାଳେ
ଭୁଲିଥାଏ ଧର୍ମ ନୀତି।।

ଇର୍ଷା ଓ ଅସୂୟା ଅହଂକାର ଆଦି
ଶତ୍ରୁ କବଳେ ପତିତ
ହୋଇ ଭୁଲିଥାଏ ମାନବ ସର୍ବଦା
ଜୀବନର ମୂଳ ତତ୍ତ୍ୱ।।

କୀଟ ଯେଉଁଭଳି ନଷ୍ଟ କରେ ବସ୍ତ୍ର
ସେହିପରି ଅଂହକାର
ଅନାୟାସେ ଧ୍ୱଂସ କରେ ମାନବକୁ
ପାଇ ନଥାଏ ନିସ୍ତାର।।

ଅହଂକାରୀ ଲଙ୍କପତି ଦଶାନନ
ନିଜ ଅହଂକାର ପାଇଁ
ବଂଶ ଧ୍ୱଂସ କରି ବିନାଶ ହୋଇଲା
ଅହଂକାର ଛାଡ଼ି ନାହିଁ।।

କୁରୁବଂଶୀ ମାନୀ ରାଜାଦୁର୍ଯ୍ୟୋଧନ
ଅହଂକାରେ ବଶବର୍ତ୍ତୀ
ହୋଇ ବଂଶନାଶ କରିଥିଲା ପରା
ଶାସ୍ତ୍ର ପୁରାଣର ଉକ୍ତି।।

ମଥୁରାର ରାଜା ଉଗ୍ର କଂସାସୁର
ଅହଂକାରେ ଶିଶୁ ବଧ
କରି ଭୋଗିଥିଲା ସେ ଯେଉଁ କଷଣ
ଦୃଷ୍ଟାନ୍ତଟି ରହିଥିବ ।

ଆଜିର ମାନବ ବୃଥା ଅହଂକାର
କରି ଭୋଗୁଥିବା ଦୁଃଖ
ଜାଣି ପାରି ମଧ୍ୟ ଅହଂକାରୀ ଭାବେ
ହୁଏନାହିଁ ଟି ବିମୁଖ।।

ଏହି ଅହଂକାର ଧ୍ୱଂସ କରିଥାଏ
ମାନବର ଜୀବନକୁ
ସାଧୁ ସାବଧାନ ହୋଇ ଯାଅ ବାରେ
ଜିଣି ଯୁଗର ଧର୍ମକୁ।।

ସହସମ୍ପାଦିକା, ରାଜଶ୍ରୀ, କୋରୋ, କେନ୍ଦ୍ରାପଡା👍 ତାଳଚେର, ଅନୁଗୁଳ

# ମାଟି



## ଜ୍ୟୋସ୍ନାରାଣୀ ସୂତାର

ତୋ ବକ୍ଷ ଚିରି
ତୋତେ କ୍ଷତାକ୍ତ କରି
ଅମାପ କଷ୍ଟ ଦିଏ ତୋତେ,
ତୁ କିନ୍ତୁ ଆନନ୍ଦାଶ୍ରୁରେ
ପରିପୁଷ୍ଟ କରୁ ମୋର
ଜଠରାଗ୍ନି ପ୍ରଶମିତର
ଇପ୍ସିତ ଅବୟବକୁ।
କି ବିସ୍ମୟ ଧୈର୍ଯ୍ୟର ଦେବୀ ତୁମେ!

ଆହୁରି ଆହୁରି ବିଦୀର୍ଣ୍ଣରେ
ହୋଇପାରେ ସେ ତୁମର ଶୋଣିତ
କିନ୍ତୁ ଆମ ପାଇଁ
ଝରିଆସ ହୋଇ
ପଞ୍ଚଭୂତର ଦ୍ୱିତୀୟ ଅଙ୍ଗ
ଯାହା ଆମକୁ ଦିଏ
ଜୀବନ୍ୟାସ
ଯେଣୁ ଜୀବନର ଅନ୍ୟରୂପ ତୁମେ ଜଳ
କି ଗଭୀରତା ତୁମ ସ୍ନେହରେ
ମମତାର କି ଅନ୍ତହୀନ ଗଭୀରତା ତୁମେ!!

ତୁମ ବିନା ମୂଲ୍ୟହୀନ
ଅର୍ଥହୀନ ସତ୍ତାହୀନ
ଯେ଼ ମହାଜଗତର ଆଦ୍ୟ ଓଁକାର ଶକ୍ତି,
ସକଳ ଶକ୍ତିର ତୁମେ ଯେ ପ୍ରତିଫଳକ,
କି ବିସ୍ତୀର୍ଣ୍ଣ ତୁମେ
ସର୍ବଶକ୍ତି ଧାରଣରେ
କି ଅମାପ ଶକ୍ତିମୟୀ ତୁମେ!!!

ତୁମେ ଯେ଼ ଜୀବନର
ଅବ୍ୟକ୍ତ ପୂର୍ବସୀମା ରେଖାରୁ
ଜୀବନର ତମାମ ଆଉ
ଜୀବନ ପରେ
ବିଲୀନରେ ବି ତୁମେ ହିଁ
କୋଳେଇ ନିଅ
କି ଅସମ୍ଭବ କର୍ତ୍ତବ୍ୟର
ନିଦର୍ଶନ ତୁମେ!!!!

ହେ ଧୈର୍ଯ୍ୟର ଦେବୀ!
ହେ ମମତାର ଅନ୍ତହୀନ ଗଭୀରତା!
ହେ ଅମାପ ଶକ୍ତିମୟୀ!

ତୁମକୁ ଶେଷହୀନ ପ୍ରଣାମ,
ଅନ୍ତଃହୀନ ଭକ୍ତି,
ନିର୍ବାକ କୃତଜ୍ଞତା।।

ଘାଗରା, କେନ୍ଦ୍ରାପଡା

# ମାତୃଭାଷା




## ମୋନାଲିସା ସିଂହ


ମଧୁଠୁ ମିଠା ମୋ ମାତୃଭାଷା
ଓଡ଼ିଆ ଯାର ନାମ
ସାରା ବିଶ୍ୱରେ ସ୍ୱତନ୍ତ୍ର ହୋଇ
ରହିଛି ତାର ସ୍ଥାନ।।

ଲୋକ କାହାଣୀ ଗୀତ ଗାହାଣି
ଅନେକ ଲୋକକଥା
ପଢି ଶୁଣିଲେ ଭରେନି ମନ
ଘୁରାଇ ଦିଏ ମଥା।।

ଓଡ଼ିଆ ଲେଖା କାବ୍ୟ କବିତା
ଭାଷାର ଗଭୀରତା
ପଢି ବୁଝିଲେ ଲାଗଇ ଭଲ
ପୁରାଣ ଆଉ ଗୀତା।।

ଓଡ଼ିଆ ମଧୁ ବର୍ଣ୍ଣବୋଧଟି
ଅଟେ ଅମୂଲ୍ୟ ଜାଣ
ଅଭ୍ୟାସ ବଳେ ଲଭିବ ସିଦ୍ଧି
ହେବ ଭାଷା ନିପୁଣ।।

ପଢ଼ ଓଡ଼ିଆ ଲେଖ ଓଡ଼ିଆ
ଗାଅ ଓଡ଼ିଆ ଗୀତ
କୁହ ଓଡ଼ିଆ ଶୁଣ ଓଡ଼ିଆ
ଦେଖ ଓଡିଶୀ ନୃତ୍ୟ।।

ଓଡିଶା ବାସୀ ହୁଅ ସଜାଗ
ରଖ ଓଡ଼ିଆ ଟେକ
ଓଡ଼ିଆ କହି ମନକୁ ମୋହି
ନେବାକୁ ଥରେ ଶିଖ।।


ଚଣ୍ଡିଖୋଲ , ଯାଜପୁର

# ଜନନୀ

## ପ୍ରତାପ କିଶୋର ରାଉତ



ସରଗ ଠାରୁ ଯେ ବିଶାଳ ଅଟଇ
ବ୍ୟାପ୍ତିରେ ସାଗର ସମ
ଜୀବନ ଆକାଶେ ସତେ ପୂର୍ଣ୍ଣ ଇନ୍ଦୁ
ବିଶ୍ୱାସର ମହାଦ୍ରୁମ।୧।

ଗରଭ ଧାରିଣୀ ଜନନୀ ତୁହି ମା'
ପୁଣ୍ୟତପା ମହୀୟସୀ
ସ୍ନେହ ମମତାର ପୂଣ୍ୟ କଲ୍ଲୋଳିନୀ
ସ୍ୱର୍ଗାଦପି ଗରୀୟସୀ ।୨।

ଧଇର୍ଯ୍ୟ ପଣରେ ହିମାଦ୍ରୀ ସମ ତୁ
ପୀୟୂଷର ସ୍ରୋତସ୍ୱିନୀ
ଈଶ୍ୱର ଆସନ୍ତି ଏଇ ଧରାଧାମେ
ତୋ କୋଳେ ଚାରୁହାସିନୀ ।୩।

ପୂଣ୍ୟ ଜରାୟୁରେ ସ୍ଥାନ ଦେଇ ତୁହି
ଦଶ ମାସ ଦଶଦିନ
ଦୁନିଆକୁ ଆଣୁ ତୋହର ଇପ୍ସିତ
ସନ୍ତାନ ସନ୍ତତି ମାନ ।୪।

କ୍ଷୁଧା ତୃଷା ନିଦ୍ରା ପରିହରି ତୁହି
ସନ୍ତାନ ପାଳନ ପାଇଁ
ନରକ ଦୁଆରେ ମଥା ବିକିଦେଉ
ହସ ଫୁଟାଇବା ପାଇଁ ।୫।

ବିପୁଳ ସମ୍ପଦ ମଣି ମୁକ୍ତା ହୀରା
ତୋ ପାଖେ ତୁଚ୍ଛ ଅଟଇ
କିଏ ଜନମିଛି ଏ ଧରା ମାଟିରେ
ତୋ ଋଣ ସୁଝିବା ପାଇଁ ।୬।

ତୋ ପଣତ କାନି ମଥାପରେ ଥିଲେ
ଅନନ୍ତ ସୁଖ ମିଳଇ
ଟୋପାଏ ଲୁହ ତୋ ନୟନୁ ବହିଲେ
ଜୀବନେ ଝଡ଼ ଆସଇ।୭।

କୋଟି ପୁଣ୍ୟତୀର୍ଥ ଫଳ ତୁଚ୍ଛ ଅଟେ
ତୋ ଚରଣେ ଆଶ୍ରା କଲେ
କେଉଁ ମହାଶକ୍ତି ରୋକି ପାରେନାହିଁ
ତୋ ଆଶିଷ ରହିଥିଲେ।୮।

ଜୀବନ୍ତ ଈଶ୍ୱରୀ ମହା ମାନବୀ ତୁ
ଜୀବନ ବେଦୀର ଦେବୀ
ଅମୃତ ହସ୍ତାତୁ ପରମ ଈଶ୍ୱରୀ
ଭାବନାର ପ୍ରତିଛବି ।୯।

ବିନ୍ଦୁଏ ମାଗିଲେ ଅମୃତର ସିନ୍ଧୁ
ହାତରେ ପରସି ଦେଉ
ଦୁଖଃ ଯନ୍ତ୍ରଣାର ସ୍ତୁପ ପରେ ଥାଇ
ନାନାବାୟା ଗୀତ ଗାଉ ।୧୦।

ତୋକୋଳ ଝୁଲଣା ମୋଜୀବନ ପାଇଁ
ସବୁଠାରୁ ନିରାପଦ
ଅଜଣା ରାଇଜେ ଯାଇଅଛୁ ସିନା
ଦେଇଛୁ ସୁଖ ସମ୍ପଦ ।୧୧।

ତେନ୍ତୁଳିପଦୀ, ହାଟଡିହି , କେନ୍ଦୁଝର

# ବନ୍ଧୁ ବନ୍ଧୁତାରେ



## ବ୍ରଜ ସୁନ୍ଦର ସାହୁ

ବନ୍ଧୁ ବନ୍ଧୁତାରେ
ନର ନାରାୟଣ
ରାମ କୃଷ୍ଣ ଜଗନ୍ନାଥ ।
ଦୁଃଖ ସଙ୍କଟରେ
ଆବିର୍ଭାବ ହୋଇ
ବଢ଼ାଇ ଦିଅନ୍ତି ହାତ ।।

ବନ୍ଧୁ ହିଁ ଇଶ୍ୱର
ଜାଗ୍ରତ କରାନ୍ତି
ସ୍ନାୟୁ ମନ ଚେତନାରେ ।
ଉପସ୍ଥିତ ହୋଇ
ଶୀତଳ ସ୍ପର୍ଶରେ
ସୀମା ଛୁଏଁ ଅବତାରେ ।।

ଭାବ ଭଗବାନ
ମାନବ ରୂପରେ
ଶ୍ରଦ୍ଧାରେ ସଞ୍ଚାରେ ପ୍ରାଣ ।
ଅହଙ୍କାର ଶୂନ୍ୟ
ପ୍ରଶସ୍ତି ଗୁଣରେ
ବନ୍ଧୁ ପାଇଁ ବନ୍ଧୁପଣ ।।

ମଙ୍ଗଳ ମନାସେ
ନବୀନ ଚିନ୍ତାରେ
ଶୃଙ୍ଖଳାରେ ସଫଳତା ।
ପ୍ରୀତି ଅନୁରାଗେ
ଆଦର୍ଶ ସାମର୍ଥ୍ୟେ
ଆଭୂଷଣେ ବଦାନ୍ୟତା ।।

ଜୀବନ ଭୂମିରେ
ଦୁଃଖର ବେଦନା
କଷଣର ମହାବାତ୍ୟା ।
ବନ୍ଧୁ ବନ୍ଧୁତାର
ଅମୃତ ପରଶେ
ଉପଶମ ସର୍ବ ବ୍ୟଥା ।।

ବନ୍ଧୁ ପାଇଁ ବନ୍ଧୁ
ଅମୂଲ୍ୟ ମାଣିକ
ଆନ୍ତରିକ ସ୍ପୃହା ପାଇଁ ।
ସୁବାସିତ ଜଳ
ସୁଗନ୍ଧ ଚନ୍ଦନ
ସଂସାରେ ତୁଳନା ନାହିଁ ।।

ପୁଣ୍ୟ ଦେବାଳୟ
ପବିତ୍ର ବନ୍ଧନ
ବନ୍ଧୁତା ସମ୍ପତ୍ତି ବନ୍ଧୁ ।
ଆଶା ଉତ୍ସାହର
ମନ ମହାଶକ୍ତି
ହୃଦରେ ନିର୍ଝର ସିନ୍ଧୁ ।।

# ଉତ୍କଳ



## ସୁଜିତ କୁମାର ପଣ୍ଡା

ଉତ୍କଳ ଜନନୀ ପଲ୍ଲୀ ବିଳାସିନୀ
ସୁଷମାର ଗନ୍ତାଘର
ଦିଗନ୍ତ ବିସ୍ତାରୀ ସବୁଜିମା ଭରି
ଲକ୍ଷ୍ମୀ କରନ୍ତି ବିହାର
ଋତୁ ଚକ୍ରରେ ଆସର
ଷଡଋତୁ ଆସି ମାତା ସାଥେ ମିଶି
ଧରା କରେ ଭରପୁର।।

ଆମ୍ର ନାରୀକେଳ  ପଣସ ତମାଳ
ଫଳ ପୁଷ୍ପ ମାଳ ମାଳ
ହଂସ କାରାଣ୍ଡିକା ହ୍ରଦେ ଭାସୁଥାନ୍ତି
ବିହଙ୍ଗ ଶୋଭେ ମଣ୍ଡଳ
ନୟନାଭିରାମ ଦୃଶ୍ୟ
ସମୀରଣ ସାଥେ ପଲ୍ଲୀ ତୀରେ ତୀରେ
ବିମୁଗ୍ଧତା ପରକାଶ।।

ଉତ୍କଳ ଐତିହ୍ୟ ଆମ ପରିଚୟ
ଭୂମିଠାରୁ ଭୂମା ବ୍ୟାପ୍ତ
ଶିଳାର ଛାତିରେ ଅଙ୍କୁରିତ ହୁଏ
ଚାରୁମୟତାର ଗାତ୍ର
ନୀଳଚକ୍ରେ ଉଡେ ନେତ
ଆମରି ନାୟକ ପ୍ରଭୁ ଜଗନ୍ନାଥ
ବିଜେଛନ୍ତି ଶୀରିକ୍ଷେତ୍ର।।

ସୃଷ୍ଟିର କରତା ସମନ୍ୱୟ ବାର୍ତ୍ତା
ସକଳ ଧର୍ମ ସମ୍ଭାର
ଜାତି ଜନଜାତି ମମତ୍ୱରେ ପ୍ରୀତି
ଭ୍ରାତୃ ଭାବର ଆଧାର
ଉତ୍କଳ ଜନନୀ ମୋର
ସାରା ବିଶ୍ୱ ପାଇଁ ଆହ୍ୱାନ ଆଣିଛି
ସର୍ବେ ଏକ ପରିବାର।।

ରାମଦାସ ସଂସ୍କୃତ ବିଦ୍ୟାପୀଠ
ସାନମାଣତିଆ,କେନ୍ଦ୍ରାପଡ଼ା ।

# *ବୋଉ ଦିବସରେ*



## ନିରୁପମା ପାଣି

ବୋଉ ଦିବସରେ
ବୋଉ ମନେପଡେ
ତା କଥା ଭାବୁଛି ବସି
ଚାଲିସେ ଗଲାଣି
ଅଫେରା ରାଇଜେ
ଆକାଶର ତାରା ସାଜି ।।

ଆଜି କାଲି ନୁହେଁ
ବର୍ଷ ଶତେଇଶ
ତଲୁ ବୋଉ ଆଉନାହିଁ
ହେଲେ ଆଜି ଲାଗେ
ପାଖରେ ବସିଛି
ପାନ ଖିଲି ଗୋଟାଖାଇ ।।

ସକାଳରୁ ବୋଉ
ଓପାଷ ପେଟରେ
ଏଣେତେଣେ ଧାଉଁଥାଏ
ଘର କାମ ସାରି
ଗାଈ ଗୋରୁ ସହ
ଜାଳ କୁଟା ବି ରୁଣ୍ଡାଏ ।।

ଅଳପ ଦରମା
ଘରକୁ ଅଣ୍ଟେନା
ବାପାମୋ ଥିଲେ ଶିକ୍ଷକ
ପାଣି ଛାଡିଦେଲେ
ସବୁ କିଣାହୁଏ
ଖରଚ ହୁଏ ଅଧିକ ।।

ଘର ଚଳେଇବା
ବୋଉର ଦାୟିତ୍ୱ
ପେଟ ପୁରା ଖାଏ ନାହିଁ
ଦିନରେ ଥରୁଟେ
ପେଟ ପୁରା ଖାଏ
କହେ ଆଉ ଭୋକ କାହିଁ ??

କଥାରେ କଥାରେ
ମାଡ ଗାଳି ଦିଏ
ମନେ ପଡେ ଆଜି ମୋର
ଖୋଜିଲେ ମିଳୁନି
ଆଉ ସେ ସମୟ
ବୋଉ ଚାଲି ଗଲା ଦୂର!!

ଚାନ୍ଦବାଲି , ଭଦ୍ରକ୍

# କାମନା



## ଶ୍ରୀମତୀ ସ୍ନେହ ମିଶ୍ର

ଆବର୍ତ୍ତମାନର ବର୍ତ୍ତମାନରେ
ସନ୍ଧାନ କ୍ଷଣିକ ସୁଖ
ଅନିତ୍ୟ ଆନନ୍ଦ ଆବୋରି ରଖେସେ
ହଳାହଳମୟ ଦୁଃଖ ||୧||

ନିତ୍ୟାନନ୍ଦମୟ ସାନିଧ୍ୟ ପ୍ରାପ୍ତିରେ
ପାନ ସୁଧାମୟ ସୁରା
ଗର୍ଭାଶୟରୁ  ବିଚ୍ୟୁତ ଜୀବଟି
ବିଳାପରେ କୁଆଁ କୁଆଁ ||୨||

ଜନନୀସ୍ପର୍ଶର କ୍ଷଣିକ ସୁଖରେ
ବିସ୍ମୃତ ତା' ସୁଧାସ୍ମୃତି
ସମୟର କୋଳେ କିଶୋରଯୌବନେ
ଅତି ଦୂରେ ମାତୃ ସ୍ମୃତି ||୩||

ଯଶକୀର୍ତ୍ତିମାନ କାମନା ରସିକ
ପ୍ରାପ୍ତିରେ ତା"ତୃପ୍ତି ପ୍ରାପ୍ତ
ପ୍ରାଚୁର୍ଯ୍ୟ ସମ୍ପଦ ସାଂସାରିକ ସୁଖ
ମୂଢମତିରେ ସେ ନିତ୍ୟ ||୪||

ବିଭୀଷିକାମୟ କାଳରକରାଳ
ବିଲୋକନେ ହନ୍ତସନ୍ତ
ମୋହମାୟାଭରା ସଂସାର ଜଞ୍ଜାଳେ
ଦୁର୍ଗତିର ନାହିଁ ଅନ୍ତ ||୫||

ଗୁରୁକୃପାବଳେ ସ୍ମରଣ ମାତ୍ରକେ
ନିତ୍ୟାନନ୍ଦ ପରମାତ୍ମା
ଅନିତ୍ୟ କାମନା ବାସନା ବିନାଶେ
କୃତାର୍ଥ ହୁଏ ଜୀବାତ୍ମା ||

# ମାଆ

କବି ମଞ୍ଜୁଳ ମଞ୍ଜୁଶ୍ରୀ ବରାଳ



କୋଟିଏ ଲାବଣ୍ୟ ସମତୁଲ ନୁହେଁ
ତୋହରି ମମତାପାଶେ
ତୋ ପଣତ କାନି  ଆଶିଷ ଓଢଣୀ
ସୁରକ୍ଷା ପ୍ରତି ନିମିଷେ । ୧ ।

ମାୟା ସଂସାରରେ ତୁ ଏକା ନିର୍ମାୟା
ଛଳନା ନାହିଁ ତୋହର
ସବୁ ମାୟାଜାଲ ଛିଡାଇ ତୁ ପାରୁ
ସନ୍ତାନ କରି ନିଜର ।୨।

ଅଶେଷ କରୁଣା ବାଢି ଦେଇ ଥାଉ
କୋଳେଇ ନେଇ ସହାସେ
ସାଗରୁ ଗଭୀର ତୋ ମମତା ମୋହ
ଝୁରେ ମୁଁ ନିତ୍ୟେ ପ୍ରତ୍ୟୁଷେ ।୩।

ପ୍ରତିରକ୍ତ ବିନ୍ଦୁ ତୋହରି କଣିକା
ଅନୁଭବେ ତୁ  ଈଶ୍ୱରୀ
ତୋ ବିନା ସମୟ ନ ଦିଏ ଆଶ୍ୱସ୍ତି
ଉଜାଗର କରେ ରାତ୍ରି । ୪ ।

ସବୁ ଦେବତାର ଆଶିଷ ସାଉଁଟୁ
ତୁ ଥିଲେ ନଥାଏ ଡର
ତୋ ରୂପ ସ୍ମରଣେ ନାଚିଯାଏ ମନେ
ଆମର ସୁନା ସଂସାର ।୫।

ତୁ ଆମ ଗାୟତ୍ରୀ ଆଦ୍ୟ ଓଁକାର
ତୁହି ସାବିତ୍ରୀ ଓ ସୀତା
ତୋ ସଂସ୍କାର ଧ୍ୱନି ହେଉ ପ୍ରତିଧ୍ୱନି
ତୁହି ଭାଗବତ ଗୀତା । ୬।

ତୁହି ଶକ୍ତିମୟୀ ତ୍ରିଶକ୍ତି ଆଧାର
ହୃଦେ ଥାଉ ତୋର ନାମ
ଯେଉଁଠାରେ ଥାଆ ଯେଉଁ ରୂପେ ଥାଆ
ପୂର୍ଣ୍ଣ କର ମନସ୍କାମ।୭।

ଠାକୁରହାଟ, କେନ୍ଦ୍ରାପଡ଼ା

# ଭାବ ବଣିକ



## ବେଣୁଧର ସୂତାର

ହୃଦୟ ଆବେଗ ମୁଗ୍ଧ ଅନୁଭବ
ବୁକୁତଳେ ଖେଳେ ଭାବ ପୁଲକ
କୂଳ ଲଙ୍ଘିଯାଏ ସମ୍ମୋହିତ ମନ
ଚିନ୍ତା ଚେତନାରେ ଭରି ମହକ
ଖିଆଲି ମନର ବିଳାସୀ ତୃଷ୍ଣା
ଭିଜା ଭିଜା ଏଇ ବୁକୁ ଅଗଣାରେ
ଲହଡ଼ି ମାରୁଛି ଭାବର ଜ୍ୟୋତ୍ସ୍ନା ।

ନୀରବ ଲଗ୍ନର ସମର୍ପିତ ଭାବ
ନିଃଶବ୍ଦରେ ତୋଳେ ସ୍ୱର ସ୍ୱାକ୍ଷର
ଭାବାତୀତ ମନ ତନ୍ମୟ ତୀର୍ଥରେ
ଚେତନା କଳ୍ପର ସୂକ୍ଷ୍ମ ନିର୍ଝର
ପ୍ରାଣେ ଭରିଦିଏ ପ୍ରଶାନ୍ତି ଧାରା
ହୃଦୟ ବୀଣାର ମଧୁର ଝଙ୍କାର
ଅମୃତ ବୋଳାସେ ଭାବ ପସରା ।

ଭଲ ପାଇବାର ନିଃସର୍ତ୍ତ ଉଲ୍ଲାସେ
ବୁକୁତଳେ ଖେଳେ ପ୍ରୀତିର ଢେଉ
ବିରାଟ ଆକାଂକ୍ଷା ପରିପୂର୍ଣ୍ଣତାରେ
ଅଥଳ ମାନସ ମନ୍ଥନ ହେଉ
ଭାବ ମଳୟର କୁହୁକ ଛୁଆଁ
କଳ୍ପନାର ତୀରେ ମାଟି ମନସ୍କରେ
ମଧୁମୟ ଲାଗେ ଏଇ ଦୁନିଆଁ ।

ହୃଦୟ ପୃଷ୍ଠାରେ ତଲ୍ଲୀନ ସ୍ୱାକ୍ଷର
ଅନୁଚେତନାର ପୁଣ୍ୟ ପରିଧି
ଭାବ ଉନ୍ମାଦର ଅମୃତ ଆଧାର
ନିରାଶା ମରୁର ଆଶା ବାରିଧି
ଖୋଲି ଦିଏ ଏଇ ହୃଦୟ ଦ୍ୱାର
ହୃଦ ବେଦିକାର ଭାବମୋତି ହାର
ଅନେକ ସ୍ୱପ୍ନର ଏ ଇସ୍ତାହାର ।

ଭାବ ଉପବନ ଭବ୍ୟ ଉପହାର
ଅନୁରାଗେ ଭରା ଚାରୁ ଭୂମିକା
ପୁଲକିତ ସ୍ୱର ମହକ ମଧୁର
ସାରସ୍ୱତ କୁଞ୍ଜ ମଧୁ ମଲ୍ଲୀକା
ଜ୍ଞାନ ମଞ୍ଜରୀର ମୋତି ମାଣିକ
ଅନବଦ୍ୟ ଯାର ନୈବେଦ୍ୟ ସମ୍ଭାର ଭାବମୟ ତୁମେ ଭାବ
ବଣିକ ।

କେଶଦୁରାପାଳ କେନ୍ଦୁଝର
ଦୂରଭାଷ-୯୧୭୮୫୬୮୨୪୬

# କୁହ ବନ୍ଧୁ କୁହ*




## ସରସ୍ୱତୀ ପଣ୍ଡା


କେମିତି ଢୋକିପାର
କହିବାକୁ ଥିବା କଥା
କେମିତି ନିରବରେ ସାଇତି ଦିଅ
ହୃଦୟର ବ୍ୟଥା
କେମିତି ଆଖିବୁଜି ପିଇଯାଅ
ବିରହର ଲୁହ
ଜୋରକରି ଚାପିଦିଅ
ଅନ୍ତରରୁ ଉଠୁଥିବା  କୋହ
କୁହ ବନ୍ଧୁ କୁହ-----।।

କେମିତି ଟାଣିଦିଅ
ଶପଥର ତିନିରେଖା
କେମିତି ସଖୀଠାରୁ ଦୂରେ ରହେ ସଖା?
କେମିତି ଫେରିବାର ମୋହକୁ
ତାଲାଦେଇ ବନ୍ଦୀକରିଦିଅ
ଖାଲିଯାହା ପ୍ରଜାପତି ମନନେଇ
ମୋ ଚାରିପାଖେ
ଫଡ଼ ଫଡ଼ କରି ଉଡୁଥାଅ।
କୁହ  ବନ୍ଧୁ--।।

କେବେ ମେଘହାତେ
ଦେଇଦିଅ ଚିଠି
ସ୍ୱାଗତର ଅଭିପ୍ରାଏ
ମୁଁ  ଆଙ୍କୁ ଥାଏ ଶରଧାର ଝୋଟି
କେବେ ତୁମେ ଚା'କପ୍
ପରି ଉଭାହୁଅ
ଧୂଆଁ ଧାରେ ଦିଶୁଥାଏ
ସେ ଶ୍ୟାମଳ ମୁହଁ
କେମିତି  ବନ୍ଧନ ଏ କେମିତିକା ମୋହ

କୁହ ବନ୍ଧୁ--।।


ଶ୍ରୀରାମପୁର,ମଙ୍ଗଳପୁର

# *ସତ୍ୟକର୍ମେ ନର ମର୍ତ୍ତ୍ୟକୁ ଜିଣେ*

## ସୀମାଞ୍ଚଳ ପଣ୍ଡା

ଖଦ୍ୟୋତେ ଚାହିଁ,
ଚାନ୍ଦ ବୋଲେ ମନ୍ଦେ ହେଲୁ କି ବାଇ?
ଶକତି ନ ଥାଇ ବିପତ୍ତି ପାଇଁ,
ଲଢୁଛୁ କି ପାଇଁ ହାଲିଆ ହୋଇ,
ଦେଖେଇ ହେଉ,
ଦେଖାଉ ବାହୁ,
ବକଟେ ବଳରେ ଚକଟି ହେଉ!

ଖଦ୍ୟୋତ କହେ,
ଅନ୍ଧାର ଦେଖି ମୁଁ ଅଧୀର ହୁଏ।
ଦେହଟା ମୋହର ଛୋଟିଆ ସିନା,
ଅନ୍ତରେ ଉଡ଼ଇ ଅନନ୍ତ ବାନା,
ଅନନ୍ତ କଥା,
ଭାଳେମୋ ମଥା,
ଆପଣା ଚିନ୍ତାରେ କେ ସାମରଥା!

ଏଡ଼ିକି ହୋଇ,
କେଡ଼େ କଥା ଏବେ ଦେଲୁ ତୁ କହି!
ଉଦେ ହୁଏ ଯେବେ ଆକାଶ ଦେଶେ,
ଜଗତ ଜୀବନ ମୋ ଲାଗି ହସେ,
ଅନ୍ଧାର ନାଶେ,
ମୋ' ପରଶେ,
ପୁଲକେ ପରାଣ ମନ ହରଷେ!

ମୋ ଲାଗି ସିନା,
ହସଇ ସଂସାର ହଟେ ଯାତନା।
ରାତି ଉଜାଗରେ ଆଲୋକ ବୁଣେ,
ଆଉ କିଏ ଅଛି କହତ ଜଣେ,
ଏଡ଼ିକି ଦେହ,
ତୋ' ଆଲୁଅ,
ନାଶିବ ଅନ୍ଧାର କେମିତି କହ?

ଶଶାଙ୍କ ଭାଇ,
ଆପଣା ଗରିମା ନ ହୁଅ କହି।
ତପନ କାରଣେ ଦେଖାଅ ବଳ,
ଫେରଇ ଆଲୋକ ଧରଣୀ ତଳ,
ପରଶ ପାଇ,
ଭରସା କାହିଁ
ପାଉଛ, ଦେଖୁଛ ପାରୁନ ସହି!

ଦେହ କୁ ଜାଣି,
ଭରିଛି ବିଧାତା ଶକତି ପୁଣି।
ଜୀବ ତା ଲଗାଏ ଆପଣା ଗୁଣେ,
ସଭିଏଁ ସଂସାର ସେବକ ପଣେ,
ଗୁଣକୁ ଜାଣି,
ଝୁରେ ଧରଣୀ,
ସବୁରି ହୃଦୟ ପାରେ ସେ ଜିଣି।

ସାନ ମୁଁ ସିନା,
ସଂସାର ନିମନ୍ତେ କରେ ଭାବନା।
ଅନ୍ଧାର 'ଅଦେଖା' ପଣକୁ ଜାଣି,
'ଅଦିଶା' ରାତିରେ ଦିଏ ମୁଁ ବୁଣି,
ତିଳେ ଆଲୋକ,
ପଲକେ ଦେଖ,
ଆଶାର ଅନ୍ତରେ ଜାଳେ ପ୍ରଦୀପ!

ସ୍ୱାର୍ଥରେ ସିନା,
ବ୍ୟର୍ଥ ହୁଏ ଯେତେ ଭବ ଭାବନା।
ପଣ ଅହଙ୍କାର ଗୁଣ ଅସାର,
ଅକାଳେ ନାଶଇ ସାର ସଂସାର,
ବଡ଼ କି ସାନ,
ଗୁଣେ ମହାନ,
ରୂପେ କି ଜାଣିବ ଗୁଣର ଦାନ!

ଜାଣିଲି ଭାଇ,
ସଭିଏଁ ସେବକ ସଂସାର ପାଇଁ।
ସେବାରେ ଲାଗିବା ଶରଧା ପଣେ,
ହୀନ କେ ମହାନ ନ ମଣି ଜଣେ,
ଅଳସ ପଣ,
ଅଧମ ଗୁଣ,
ସତ୍ୟ କର୍ମେ ନର ମର୍ତ୍ତ୍ୟକୁ ଜିଣେ!

ଶିକ୍ଷକ, ଡେଙ୍ଗାଡି, ଗଞ୍ଜାମ,
୯୫୮୩୪୩୮୧୭୪

*************************

# ସକାଳର ସ୍ୱପ୍ନ



## ପ୍ରେମାନନ୍ଦ ଜେନା

ସକାଳର ଆକାଶରେ
ସୂର୍ଯ୍ୟ ଭିଡ଼ିଲାଣି ଅଣ୍ଟା
ଧରିତ୍ରୀ ଛାତିର ତାତି ଅସମ୍ଭାଳ
ଅସମ୍ଭାଳ ନିଦାଘର ତାତି
ଏବେ ଆକାଶରେ  ଅଭ୍ରଖଣ୍ଡ ପରି
ମାଳ ମାଳ ଧଳା ମେଘ
ସମୟ ସୁଅରେ ଯେବେ
ଭେଳାବାନ୍ଧି ଆକାଶରେ ଭାଷେ
ଅସୁମାରୀ କଳା ବାଦଲ
ଓଢଣୀ ଖୋଲି ମେଘ  ଦିଏ ଭେଟି
ଧରଣୀର ହୁଏ ଅଭିଷେକ
ରଜବତୀ ହୁଏ ମାଟି
ହସିଉଠେ ଭଳି ଭଳି ଘାସ ଫୁଲ
ଜୀବନ୍ୟାସ ପାଏ ମଣିଷର ମନ
ସେ ମନରେ ହୁଏ ଚାଷ ପ୍ରେମର ଫସଲ
ଫୁଲ ଫୁଟେ ଫଳ ଫଳି ଫଳ ପାଚେ
ଏସବୁ ସମ୍ଭବ ହୁଏ ତୁମେ ଯେବେ ପାଅ ଭଲ ।

ତୁମ ଓଠରୁ ଶ୍ରବିଲା ଅମୃତର ଧାର
ହସି ଉଠିଲା ସୃଷ୍ଟି, ଭିଆଇଲ ଚରାଚର
ଏତେ ସବୁ ହେଲାପରେ
ମୁଁ ଜାଣିଥିଲି ତୁମେ ଚାଲିଯିବ
ଛାଡ଼ି ଦେଇ ବର୍ଷା ବତାସର ଝଡ଼
ନୀଡ଼ ମୋର ଭିଜୁଥିଲା
ଢଳିପଡ଼ିଥିଲା ମୁଣ୍ଡ ଉପର ଆକାଶ
ଚଖୁର ଲୁଣି ନଇରେ ମେଲି ନାଆ
ଖୋଜିଲି ତମକୁ ପିଣ୍ଡରୁ ବ୍ରହ୍ମାଣ୍ଡ ।

ଏକି ନିଷ୍ଠୁର ପରିହାସ ଏକି ଆଲିଙ୍ଗନ
ଶକ୍ତିହୀନ ତେଜହୀନ
ଯନ୍ତ୍ରଣା ଜର୍ଜରିତ ନିସ୍ତେଜ ଶରୀର
ଖୋଜୁଥିଲା ତୁମକୁ ଅହରହ
ମଥାଉପରେ ଆଙ୍କିଦେବବୋଲି
ଭଲ ପାଇବାର ଶେଷ ଚୁମ୍ବନ,
ମୁଦି  ହୋଇଥଲା ଆଖି  ନଥିଲା ଯୁ
ଅଲୋଡ଼ା ଲାଗୁଥିଲା ଜଡ଼ ଶରୀର
ତଥାପି ମୁଁ ଦେଖୁଥିଲି ତୁମକୁ
ତୁମ ପ୍ରେମକୁ ତୁମ ବକ୍ର ଚାହାଣୀକୁ
ତୁମ ଓଠରୁ ଝରୁଥିବା ସୁଧା ରସକୁ ।

ସହସ୍ର ଗୋପୀମେଳେ
ତୁମର ସହସ୍ର ରୂପ ଅଥଚ ଏକଇ ଭାବ
ଅଶେଷ ଇଛା ଅନେକ ଭରସାର ସ୍ରୋତ
ମୋଠାରେ ନାହିଁ ସେ ଶକ୍ତି
ନାହିଁ ସେ ଇଛା ନାହିଁ ସେହି ଭାବ
ଉଦ୍ଧବ ଭଳି ମୁଣ୍ଡେ ବୋହିବାକୁ
ଚରଣ ପାଦୁକା
ନାହିଁ ଅକ୍ରୁର ଭଳି ଭକ୍ତି
ଦେଖିବାକୁ ଜଳେ ସ୍ଥଳେ ଏକ ରୂପ
ଲୋଡ଼ା ଟିକେ ମଣିଷର ହୃଦୟ
ଲୋଡ଼ା ଟିକେ ମଣିଷର ଭାବ
ସେ ଭାବରେ ପାରୁଥିବି ବାରି
ହୃଦୟର ଅକୁହା କଥାକୁ
ଦୁଃଖର ଅସୀମ ଗାଥାକୁ ।

# ବସୁଧୈବ କୁଟୁମ୍ବକମ୍



## ରୀତା ଅପରାଜିତା ମହାନ୍ତି

ପୁଣ୍ୟଭୂମି ଭାରତ ମୋର ଜନ୍ମଭୂମି।
ଏଠି କେତେ ମୁନିଋଷି ସାଧନାରେ
ହୋଇଛନ୍ତି ବ୍ରତୀ।
ଏଠି ଦସ୍ୟୁ ରତ୍ନାକର ରାମ ନାମ
ନେଇ ସାଜେ ବାଲ୍ମୀକି
ଲେଖେ ରାମାୟଣ ପରି ଗ୍ରନ୍ଥ।
ଯୁଦ୍ଧ ନୁହେଁ ଶାନ୍ତିର କପୋତ
ଉଡାଏ ଆମ ଭାରତ ଭୂମି।
ସେ ପୁରା ବିଶ୍ୱ କୁ ନିଜ ପରିବାର
ପରି ମାନିବା ଆମ ସନାତନ
ସଭ୍ୟତା କୁହେ।
ସଭିଁଙ୍କର ଭିତରେ ରକ୍ତ ଏକ
ତେବେ ଲଢେଇ କଣ ପାଇଁ ?
ସାରା ବିଶ୍ୱ ଯଦି ଏ ମନ୍ତ୍ର ଆପେଣେଇ
ସମଗ୍ର ବସୁଧା ହସି ଶାନ୍ତି ମୈତ୍ରୀ ର ଗୀତ
ଗାଇ କେଉଁ ପୁରୁଣା କାଳରୁ
ଆମ ବୈଦିକ ମୁନି ଋଷିମାନେ
ଏକତାର ଗୀତ ଗାଇ
ପୁରା ବିଶ୍ୱରେ ଭାଇଚାର ରଖିବାର
ସ୍ୱପ୍ନ ଦେଖିଥିଲେ।
ଆମେ ତାଙ୍କ ଦାୟାଦ ହେବା ନାହିଁ
ଦୁର୍ବଳ ଆସ ମିଳିମିଶି
ସଭିଙ୍କର ମନରେ ସ୍ନେହ ,ପ୍ରେମର ମଞ୍ଜି ବୁଣିବା
ଗାନ୍ଧୀ ଭଳି ହିଂସା ନୁହେଁ ଅହିଂସା ମନ୍ତ୍ର
ନେଇ ବିଶ୍ୱବାସୀଙ୍କ ବିଶ୍ୱାସର ପାତ୍ର ହେବ।
ରୁଷ ଓ ୟୁକ୍ରେନର ଯୁଦ୍ଧ କେବଳ
ମାନବିକତା ହାରୁଛି ଲାଭ କିଛି
ହେଉନି ହେ ସାରା ବିଶ୍ୱବାସୀ
ଆସନ୍ତୁ ଶାନ୍ତିକାମୀ ହେବା
ସାରା ବିଶ୍ୱକୁ ନିଜ ଘର ଭାବିବା
ସଭିଙ୍କୁ ଆପଣାର କରିବା
ବିଶ୍ୱାସ ମୂଳରେ ଏ ସାରା ସଂସାର
ନହେଲେ ମଣିଷ ବଞ୍ଚିବା ଅସାର।

ପ୍ଲଟ ନ -୮୩(ସି) ଆମ୍ରପଲ୍ଲୀ ଭୁବନେଶ୍ୱର -୨୧

# ଓମ୍ ସାଇଁ ରାମ

# କବି ତେଜସ୍ୱିନୀ ଶର୍ମିଷ୍ଠା ପଲାଇ

କିବା ମୁଁ ରଚିବି  ଗୁଣ କୀର୍ତ୍ତି ପ୍ରଭୁ
ଅଜ୍ଞାନୀ ମୁଁ ହିନୀମାନି।
ଦୟା ସାଗର ହେ' ତୁମେ ସାଇ ବାବା
ପୂର୍ଣ୍ଣ କର ମୋ' ଲେଖନୀ।

ବିପଦ ବେଳରେ ଡାକିଥିଲି ପ୍ରଭୁ
ପାରି କରି ଦେଲ ନାବ।
ସେଇ ଦିନୁ ପ୍ରଭୁ ତୁମରି ସାଥିରେ
ଭକ୍ତିରେ ଏ' ପ୍ରୀତି ଭାବ।

ଗୀତରୁ ଶୁଣିଛି କଳି ଯୁଗେ ପ୍ରଭୁ
ତୁମେ ରାମ ଆଉ ଶ୍ୟାମ।
କିଛି ମୁଁ ଜାଣିନି ଏତିକି ଜାଣିଛି
ଶିରିଡି ତୁମରି ଧାମ।

ତୁମ ଦର୍ଶନରେ ସଭିଏଁ ଯାଆନ୍ତି
ମୁଁ ତ' ଝୁରେ ଏଠି ବସି।
କେବେ ଯେ' ସୁଦୟା କରିବ ଠାକୁରେ
ନୟନେ ଦେଖିବି ସେଠି।

ଗୋଲାପ ଫୁଲରେ ତୁମ ମନ ଥାଏ
ଗୁରୁବାରେ ପୂଜା ପାଅ।
ମନର ଗୋଲାପ ଚରଣେ ଅର୍ପିଲି
ପ୍ରଭୁ ଟିକେ ସ୍ଥାନ ଦିଅ।

ତୁମ ପୂଜାର୍ଚ୍ଚନା କିଛି ତ' ଜାଣିନି
ଜୋଡ ହସ୍ତେ କ୍ଷମା ମାଗେ।
ଓମ୍ ସାଇ ରାମ୍ ଓମ୍ ସାଇ।ରାମ୍
ତୁଣ୍ଡେ ନିତି ମୋର ଜପେ।

ଓମ୍ ସାଇ ନମୋଃ ଶ୍ରୀ ଶ୍ରୀ ସାଇ ନମୋଃ
ସଦ୍ ଗୁରୁ ନମୋଃ ନମୋଃ।
ଶର୍ମିଷ୍ଠା ଭଣିଲା ଆତ୍ମ ନିବେଦନ
ପ୍ରଭୁ ହେ' ପ୍ରଣତି ଘେନ।।

# ବର୍ଷା



ମିନତି ଦାଶ

ଜ୍ୟେଷ୍ଠର ଶେଷ ହସରେ
ନ ଥାଏ ନିରାଶାର ନିର୍ଯ୍ୟାସ...
ଭର ପୂର ଥାଏ ସରସତା ଆଉ ହରଷ.
ଦେଖିଲା ମାତ୍ରକେ କନୌଜରୁ
ଅଜସ୍ର ସମ୍ଭାବନାର ପଟୁଆର
ନେଇ ଗତିଶୀଳ ହୁଅ ମେଘ ଦୂତ , ଛୁଇଁବ ମହେନ୍ଦ୍ର ଗିରି,
ନେବ ଜାନକୀଙ୍କ ଆଶିଷ
ବାର୍ତ୍ତା ଦେବ ଯକ୍ଷ ରାଣୀ ପାଶ ।।

ପହିଲି ଆଷାଢରେ
ମେଘ ମେଦୁର  ଅଜସ୍ର ଓଠରେ
ତୁମେ ମାଟି....
ମାଟିରୁ ଛୁଟେ ମହକ...
ସସାଗରା ଧରାରେ ଖେଳେ ପୁଲକ
ପ୍ରାଣ ଶୀତଳ କରେ ଧୂସର ବନାନୀ
ସାଜେ ଶାକାମ୍ବରା  ସାନ୍ୟାସିନୀ ।।

ପାହାନ୍ତି ତୁଠରୁ ଫେରନ୍ତି
କୁଆଁରୀ, ସଜ ସୀମନ୍ତିନୀ
ବେଳ ରତ ରତ
କେଉଁଠି ଦେବେ ଅଳତା ମଖା ପାଦ ପାତି,
.. ରଜବତୀ ବସୁମତୀ,
ଜେଜୀ ଥୋଇ ଦିଏ କଦଳୀ ପାଟୁକା
ତୁଠ ଘାଟ ପୀଠ
ଆଡେ ଯିବା ମନା ମୁହଁ ସଞ୍ଜରେ ଏକା ।।

କେରଳରୁ କାକବର୍ଣ୍ଣି ପାଟ ପଟନୀରେ
ସାଜି  ଆସେ ବି ମୋସୁମୀ
ତାକୁ ସହି କି ପାରେ ପରାଭୃତ
ଅଶାନ୍ତି ଇର୍ଷା ରେ ଜଳି
ଚୁପଚାପ ଅଣ୍ଟ କୁ ଯାକି ରହେ ତୁନି
କଣ୍ଠୀ ହସେ,ପୁଚ୍ଛ ମେଲି ନାଚେ
ଇସାରା ଦିଏ...
କଳା ମେଘ ତଳେ ଛପିଛି
ରୂପା ସକାଳ, ଛାନିଆ ହୁଅନି!

କିଛି ବୁଝେନି କେରଳ କୁମାରୀ
ପାଦକୁ ନୁପୂର ଘୁଙ୍ଗୁରରେ ସଜେଇ
ବେଶ ନାଚେ କଥାକଳି,
ସାଥିରେ
ମେଘ ଦୂତର ଡମ୍ବରୁ ଧ୍ୱନି
ସୌଦାମିନୀର ଆତଶ ରୋଷଣୀ
ବିବାହ ବନ୍ଧନରେ  ଅମ୍ବର ଅବନୀ,
ପର୍ବ ବହ୍ବାଡମ୍ବରର
ଚକା ଭଉଁରୀ ସଫରୀର
ନାଦ ନଦ ନଦୀର
ଗୀତ ଦର୍ଦ୍ଦୁର ର
ପୃଥ୍ୱୀ ପୁଲକ ପ୍ରବଣ....
କୁହୁକ କୌମୁଦୀ ସବୁଜିମାର ।।

ଖୁସିରେ ହସେ ବସୁମତୀ...
ଦେଇ ଦେଇ ହୁଏ ପୂର୍ଣ୍ଣାବତୀ
କାହାକୁ ବି ଊଣା କରେନି
ଚାରୁ କେଶୀର ଛନ୍ଦରେ
ଶୁଣାଏ ନଈର ଗୀତ..
ହାତ ଠାରି ଡାକେ ବିଲ ଗହୀରକୁ,
ବାଡ଼ି ଅଗଣାକୁ, ଟାଙ୍ଗର ଡ଼ଙ୍ଗରକୁ
ହାତରେ ଇଞ୍ଜାରି ପୋତି ଦେ ବୀଜ
ଗୋଧୂଳି ପଖାଳା ଜହ୍ନି ଫୁଲିଆ ସଞ୍ଜ ରେ
କଷି କାକୁଡି କଲରା ଭଜାରେ
ପଖାଳ କଂସା ସତରେ ଭାରି ମଉଜ ।।

ବାରିପଦା

# ବନ୍ଧୁ




## ବିନୋଦିନୀ ଦାଶ


ସୁଖେ ଅବା ଦୁଃଖେ ରହି ପାଖେପାଖେ
ଯିଏ ବୋଳିଦିଏ ପ୍ରୀତି ମମତା
ସିଏ ପରା ବନ୍ଧୁ ଅନାବିଳ ସିନ୍ଧୁ
ଅମାପ ହୃଦୟର ଗଭୀରତା ।

ସମ୍ପଦେ ବିପଦେ ଅସାଧ ସେ ସାଧେ
ସଖା ସମ ଆତ୍ମୀୟତା ଦେଖାଇ
ତ୍ୟାଗ ମମତାର ପ୍ରତିମୂର୍ତ୍ତି ସାଜି
ପ୍ରେମର ଦୀପାଳି ନିତି ଜାଳଇ ।

କପଟ ବିଦ୍ୱେଷ ହିଂସା ଅହମିକା
ଈର୍ଷାଠାରୁ ସଦାସର୍ବଦା ଦୂର
ସିଏ ପରା ପ୍ରସ୍ଫୁଟିତ ଫୁଲଟିଏ
ମହକ ବିତରି ଜିତେ ଅନ୍ତର ।

ବନ୍ଧୁ ଦିଏ ବଳ ନଇ ଦିଏ ଥଳ
ଏହି ଲୋକକଥା ଆମ ଭିତରେ
କେଉଁ କାଳୁ ପରା ଅଜରମର
ତାହାକୁ କିଏ ବି ଟାଳି ନ ପାରେ ।

ଉତ୍ତମ ବନ୍ଧୁଟେ ଯେବେ ପାଖେ ଥାଏ
ପଥର କାନ୍ଥକୁ କହୁଣୀ ମାରି
ଭାଙ୍ଗି ଦେଇପାରେ କେହି ବି ମାନବ
ନଝରାଇ ଟିକେ ରକତ-ବାରି ।

କୃଷ୍ଣ ସୁଦାମାଙ୍କ ବନ୍ଧୁତ୍ୱ କାହାଣୀ
ଜଗନ୍ନାଥେ ବନ୍ଧୁ ବନ୍ଧୁ ମହାନ୍ତି
ପୁରାଣ ଯୁଗରୁ କଳିଯୁଗ ଯାଏ
କେତେ ନିଦର୍ଶନ ଅଖଣ୍ଡ ଜ୍ୟୋତି ।

ବନ୍ଧୁ ପରି ବନ୍ଧୁ ସାଜି ଯଦି କେହି
ଉଦାରତା ଗୁଣେ ଭେଦେ ଅନ୍ତର
ଜୀବ ଥିବାଯାଏ ଆସନଟେ ଆପି
ବିରାଜିତ ରହେ ହୃଦେ କାହାର ।


କୁରୁଆଁ, ମୁଗପାଳ, ଯାଜପୁର

# କାହିଁକି ଏମିତି ହେଲା



## ରଞ୍ଜିତା ଦାଶ

ଜହ୍ନକୁ ମାଗିଲି ଜୋଛନା ଟିକିଏ
ଜହ୍ନ ଦେଲା ଅମାରାତି,
ରାତିକୁ ମାଗିଲି ସପନ ଆଖିକୁ
ରାତି ଗଲା ମୁହଁ ପୋତି।

ଫୁଲକୁ ମାଗିଲି ଫଗୁଣ ସମ୍ଭାର
ବଗିଚାଟା ଗଲା ଜଳି,
ଜ୍ୱଳନ ସାଥୀରେ ବନ୍ଧୁତା ବାନ୍ଧିଲି
ଶ୍ରାବଣ ତ ଗଲା ଫେରି।

ମଥାକୁ ମାଗିଲି ସିନ୍ଦୁର ମଥାଏ
ଟିକିଲି ଦେଲା ସଜାଇ,
ପ୍ରଣୟରେ ସିନ୍ଥି ଭିଜିଗଲା ପୁଣି
ଓଠର ହସକୁ ଲିଭାଇ।

ପ୍ରୀତିକୁ ମାଗିଲି ପ୍ରଣୟ ସ୍ୱାକ୍ଷର
ମନ ଲାଜ ମନେ ରଖି,
ଢାଳିଦେଲା ସେ ପ୍ରଣୟ ତୈଳ
ମାଖୁଛି ମୁଁ ବସି ଆଜି।

କୁଞ୍ଜକୁ ମାଗିଲି ପ୍ରଣୟ ବଲ୍ଲରୀ
କଦମ୍ବ ଗଲା ତ ରୁଷି,
ଶୁଖିଗଲା ପୁଣି ଯମୁନାର ଜଳ
ଫେରିଗଲା ନୀଳ ବଂଶୀ।

ମାଘକୁ ମାଗିଲି ଶୀତର ଫୁକାର
କଅଁଳ ଖରାରେ ବସି,
ଶୀତପତ୍ର ଡାଳେ ଲାଜେଇ ବସନ୍ତ
ଦେଲା ତ ମୁରୁକି ହସି।

ଅଭିମାନ କଲି ଅଭିଆଡି ମନେ
ଅଭିଯୋଗ ପଛେ ରଖି,
ମିଛ ଲାଗୁଥିଲା ପୁନେଇ ରାତି ଟା
ଅଭିନୟ ସାଥେ ମିଶି।

କାହିଁକି ଏମିତି ହେଲା!!!!!
ଅଦିନ ମେଘଟା ବରଷି ଯାଇ
ଦେହ ଦାହର କବିତା ଲେଖିଲା।

ଯାଜପୁର।

# ତ୍ୟାଗର ପ୍ରତିମୂର୍ତ୍ତି ବାପା
## ମନିଷା ସରକାର

*

ବିଶ୍ୱ ନିୟନ୍ତାଙ୍କ ବିଶ୍ୱରେ, ସମ୍ପର୍କର ସନ୍ଧାନରେ
ଦୁର୍ଲଭ ଲବ୍ଧ ଅମୂଲ୍ୟ ସମ୍ପର୍କ ବାପା ।
ସ୍ନେହ ଆଳଟର, ଶାସନ ଅନୁଶାସନର
ସେ ସତେ ଅବା ଅମୃତ ଟୋପା ।।

ପାରିବାରିକ ହସଖୁସି, ଲୁଚି ଥାଏ ଦୁଃଖ ରାଶି
ସେହି ଦୁଃଖରେ ନିତି ଜଳୁଥିବା
ମର୍ତ୍ତ୍ୟ କୈଳାସର ଶିବ, ସେହୁ ବାପା ।
କର୍ତ୍ତବ୍ୟରେ ଭରା, କର୍ମମୟ ଜୀବନର ସବୁ ରାସ୍ତା
ମଥା ଉର୍ଦ୍ଧ୍ୱେ ବିରାଜିତ ଟିଣ ଛାତ ପରି ତାଙ୍କ ଅବସ୍ଥା।।

ଯିଏକି ପ୍ରଚଣ୍ଡ ଖରା, ବର୍ଷା ଓ ବିତ୍ପାତ ସବୁ ସହି
ରଖନ୍ତି ଆମକୁ ସ୍ନେହ ଚଦରରେ ଘୋଡ଼େଇ ।

ସଭିଙ୍କ ମତରେ
ଭୀଷଣ ତାତଇ ଟିଣ, ଖରାରେ
ଶବଦଇ ବହୁ ବର୍ଷାରେ ।
କେବେ କେହୁ କଣ ବୁଝିବାକୁ ଚେଷ୍ଟାକର
କେତେ ବ୍ୟଥା ଅଛି ତାଙ୍କ ଅନ୍ତରେ ?

କେବେ ଅଭିମାନ ତ
କେବେ ସ୍ୱାଭିମାନ ବାପା ।
କେବେ ମାଟି ତ
କେବେ ଆକାଶ ବାପା ।
ସ୍ୱକାନ୍ଧେ ବସାଇ ମେଳା ଦେଖନ୍ତି ସିଏ
କେବେ ଘୋଡ଼ା ହେଇ ତ
କେବେ ରଥ ହେଇ ଘରସାରା ବୁଲାଉଥିବା ଜିଅନ୍ତା ଗାଡ଼ି ସିଏ ।

ତାଙ୍କ କର୍ତ୍ତବ୍ୟରେ, ହସ ଖୁସିରେ
ବିତିଯାଏ ଆମ୍ଭ ସବୁଦିନ
ଯାହାଙ୍କ ଝାଳ ବିନ୍ଦୁର ପତିତ ମୂଲ୍ୟକୁ ସୁଝି ପାରିବାନି ସାରାଜୀବନ ।
ଚେଷ୍ଟା କଲେ ମଧ୍ୟ ଘନଘନ
ନିଶ୍ଚୟ ଲଭିବା ଅପମାନ ।
ବାପା ସେ ଯେ,
ସୂର୍ଯ୍ୟଙ୍କ ଭଳି ପ୍ରଚଣ୍ଡ ରୌଦ୍ରତାପ ଦିଅନ୍ତି ମେଳି
ସହ୍ୟପାଇଁ ଏହା କଷ୍ଟକର କିନ୍ତୁ ନଥିଲେ
ଲାଗଇ ବିଶ୍ୱ ଅନ୍ଧାର ।

ଭଲପାଇବା ନୁହେଁ ତାଙ୍କ ଦେଖାଣିଆ
ସ୍ନେହ ବାଣ୍ଟିବାରେ ସିଏ ସବୁଠୁ ଆଗୁଆ ।

ପ୍ରତ୍ୟାଶାର କିଛି ଆଶା ନରଖି ଦେଇଯାଅନ୍ତି ସମ୍ପୂର୍ଣ୍ଣ ନିଜକୁ ତିଳ ତିଳ
କରି
ସୁଖ, ଦୁଃଖ,ସମ୍ପଦ,ବିପଦ ପୁଣି ଅଭାବରେ ।
ପ୍ରତିଭା ତାଙ୍କ ବହୁମୁଖି
ତେଣୁ ସିଏ ମୋର ମନଲାଖି
ତେଣୁ ସଏମୋର ମନଲାଖି।।

# ଭଜନ ସମ୍ରାଟ



## ଅପର୍ତ୍ତି ସେଠୀ

ହେ ଭକତ ବୀର ରହିଛ ଅମର
ଚିର ସହୋଦର ପଣେ,
କେନ୍ଦ୍ରାପଡ଼ା ପୁତ୍ର ଭଜନ ସମ୍ରାଟ
ତୁମକୁ ଜଗତ ଜାଣେ।।

କୋଟି ହୃଦୟର ମଉଡମଣି ହେ
ଓଡ଼ିଶାର ବରପୁତ୍ର,
ଯାଦୁଗରୀ ତୁମ କଣ୍ଠର ଚାତୁରୀ
ଜଗନ୍ନାଥ ଶ୍ରେଷ୍ଠ ଭକ୍ତ।।

ତୁଳସୀ କ୍ଷେତ୍ରର ଗ୍ରାମଟି ସୋବଳା
ପିତା ତୁମ ରାମ ଚନ୍ଦ୍ର,
ମାତା ଗେହ୍ଲୀରାଣୀ କୋଳରୁ ଭୂମିଷ୍ଠ
ମର୍ତ୍ତ୍ୟେ ସଙ୍ଗୀତର ଇନ୍ଦ୍ର।।

ଉଣେଇଶ ଅଣତିରିଶ ମସିହା
ମେ ମାସ ପଚିଶିରେ,
ଏ ମାଟିକୁ ତୁମେ ଧନ୍ୟ କରିଥିଲ
ଜନ୍ମିଲ  ଶୁଭବେଳାରେ।।

ସଙ୍ଗୀତ ସାଧନା ବିଭୁ ପ୍ରେମ ସିନା
କରିଲ ହେ ଗଳାହାର,
ଜଗନ୍ନାଥ ପ୍ରେମେ ପାଗଳ ହୋଇଲ
ଭୋକ ଶୋଷ ଭୁଲିଗଲ।।

ଉଣେଇଶ ସତାବନ ମସିହାରେ
ଅଧ୍ୟାପକ ହୋଇ ତୁମେ,
ଓଡ଼ିଶୀ ଛାନ୍ଦ ଓ ଚମ୍ପୁ ଶାସ୍ତ୍ରୀୟର
ମାନ ରଖି ଶିକ୍ଷା ଦାନେ।।

ପରମ ସେବକ ଶ୍ରୀ ଜଗନ୍ନାଥଙ୍କ
ଭଜନର ଭକ୍ତି ସୁରେ,
ପ୍ରତି ମନ ପ୍ରାଣ ଆନ୍ଦୋଳିତ କରେ
ଶିହରୀ ଯାଏ ଶରୀରେ।।

ପାହାନ୍ତି ପ୍ରହରୁ ଭାସିଆସେ ବଡ଼
ଦେଉଳୁଁ ତୁମରି ଗୀତ,
କୋଠଭୋଗଖିଆ ମୋ ଚକା ଆଖିଆ
ଭକ୍ତି ନୈବେଦ୍ୟ ସଙ୍ଗୀତ।।

ପ୍ରତି ଘରେ ତୁମ ସଙ୍ଗୀତ ମୂର୍ଚ୍ଛନା
ଓଡ଼ିଆର ଶ୍ରମ ହରେ,
ଅଧ୍ୟାତ୍ମ୍ୟ ଚେତନା ପବିତ୍ରତା ଭରେ
ଟାଣିନିଏ ମୁକ୍ତିଦ୍ୱାରେ।।

ହଜାର ହଜାର ଭଜନ ଗାଇଲ
ଭାବ ଗମ୍ଭୀରତା ସୁରେ।
ତୁମ ପରି କେହି ଜନ୍ମ ଲଭିବେ କି
ଏହି ଉତ୍କଳ ମାଟିରେ।।

ରଖିଗଲ ଯଶ ହୋଇଲ ବିଖ୍ୟାତ
ବାଛିଲ ଅମୃତ ବେଳ,
ଦୁଇ ହଜାର ଦଶ ନଭେମ୍ବର ଦୁଇ
ପ୍ରଭୁ ପଦେ ଲୀନ ହେଲ।।

ଯେଣୁ ନେଇଥିଲେ ଚାମର ସେବାଟି
ରୋଷଘରୁ ଅଗ୍ନି ଆସି,
ବୈଷ୍ଣବାଗ୍ନୀ ତୁମ ଶରୀର ଦହିଲା
ମିଶିଗଲ ବ୍ରହ୍ମରାଶି।।

ଆଜି ଏ ପବିତ୍ର ଶୁଭ ମୁହୂର୍ତ୍ତରେ
ତୁମ ପ୍ରତି ଶ୍ରଦ୍ଧାଞ୍ଜଳି,
ମୋ ହୃଦୟର ପ୍ରତିଟି ସ୍ପନ୍ଦନେ
ରହିଥିବ ଘରକରି।।

(ପାଳକଣା, କୋରୋ , କେନ୍ଦ୍ରାପଡା,
ମୋ-୭୮୯୪୩୯୮୫୦୦)

# ସମୟ ଚକରେ ସଂସାର ରଥ

## ମାମି ପାତ୍ର

ସମୟ ଚକରେ ସଂସାର ରଥ
ଯାଏ ଗଡି ଗଡି ଆଗକୁ ମାଡି
ଭଲ କାମ କଲେ ସଭିଙ୍କ ମନରେ
ରହିଥିବ ଚିରଦିନ ପାଇଁ।

ଜୀବନ ଅଟେ ଯେ କ୍ଷଣ ସ୍ଥାୟୀ ପରା
ନକରିବୁ ତୁହି ମାନ ଅଭିମାନ
ବନ୍ଧୁ ପରିଜନ ସାଙ୍ଗସାଥୀ ମେଳ
ସୁଖ ଦୁଃଖର କାଟୁଥିବ ଦିନ।

ଗାଁ ଦାଣ୍ଡେ ଖେଳ ଆମ୍ବ ତୋଟା ମେଳ
ରଜ ଦୋଳି ଖେଳ ଖରାବେଳ ମଜା
ମନେ ପଡେ ସେହି ପିଲା ଦିନ କଥା
ସନ୍ଧ୍ୟା ସମୟରେ ମନ୍ଦିର ବେଢ଼ାରେ
ପଢୁଛନ୍ତି ଗୀତା ଭାଗବତ।
ଅଜା ଆଇ ଥଟ୍ଟା ମାମୁଁ ମାଇଁ ଘର
ମିଳୁଥିବା ସ୍ନେହ ଆଦରର ଭାଷା।

ମାଆର ପରଷ ବାପାର ମାଡ଼
ଭାଇ ଭଉଣୀର କେତେ ଝଗଡା
ସବୁ ସ୍ମୃତି ମନେ ପଡେ
ରାକ୍ଷୀ ପୂର୍ଣ୍ଣିମାରେ ରାକ୍ଷୀ ବାନ୍ଧିବା ପାଇଁ
ଭାଇର ଆଶିଷ ପାଇବା ଲାଗି
ଅଭିମାନ କରି ବସେ
କୁଆଡେ ଯାଇଛି ଭାଇ
ଆସିବ କେତେବେଳେ ରହିଥାଏ ଅନେଇ।

ଭୁଲି ହେଉନି ସେହି ସମୟକୁ
ମନେପଡିଗଲେ ସେହି ସମୟ
ଝରିଆସେ ଲୋତକ କାନ୍ଦି ଉଠେ ମନ
ସମୟ ହାତରେ ସଂସାର ରଥ
କିଏବା ବୁଝିବ ସେହି।।

ସମୟ ଧୀର ସେ ନିଷ୍ଠୁର
ସେ ହିଁ ବ୍ୟସ୍ତ ବିବ୍ରତର ଲୋତକ
ସେ ଦେଖେ ନାହିଁ ବାଳକ ବୃଦ୍ଧ
ଧନୀ କି ଗରିବ ଦିନ କି ରାତି
ସେ ଦେଖେ ତା'ର କର୍ତ୍ତବ୍ୟର ପ୍ରୟାସ

ସମୟକୁ ଯଦି ଉପଯୁକ୍ତ ନିଯୋଜିତ ହୁଏ
ଗଢିଉଠିବ ସୁନା ସଂସାର।

ତିହିଡି , ଭଦ୍ରକ ।

## ହୃଦୟର ଜଣାଣ
## *ଜୟ ଶ୍ରୀ ଜଗନ୍ନାଥ ମହାପ୍ରଭୁ*

# ବୈଜୟନ୍ତୀ ମାଳା ମହାପାତ୍ର

ତୁମେ ହିଁ ତୁମେ ଏ ମୋର ଧାମେ
ତୁମେ ଦୁନିଆଁ ସାରା
ଡର କାହାକୁ ଭୟ କାହାକୁ
ତୁମେ ପ୍ରଭୁ ଆଶରା
କରେ କୋଟି ଜୁହାର,
ଜଗତ ନାଥ ହେ ଜଗନ୍ନାଥ
ଧରା କର ସୁନ୍ଦର।।

କେତେ ଦୁର୍ଗତି କେତେ ହେ ନିତି
ନାହିଁ ନ ଥିବା ଦୁଃଖ
ପାଇ ଶୁଖଇ ଝଡି ପଡ଼ଇ
କେତେ ନୀରିହ ମୁଖ
ଢ଼ାଳି କରୁଣା ବାରି,
ରଖିବ ତୁମେ ଏ ଧରାଧାମେ
ଗୁହାରି ଏ ମୁରାରୀ ।।

ତେବେ ହସିବି  ମହକି ଯିବି
ଭକତ ବୋଲି ତୁମ
ଟେକ ତୁମର ଏହି ଧାମର
ରହିଲେ ହେ ସକ୍ଷମ
ସବୁ ମୁହଁରେ ହସ,
ଆଦରେ ଢ଼ାଳି ହେ ବନମାଳୀ
ହୋଇଯାଅ ବିଶେଷ।।

*ଫୁଲବାଣୀ, କନ୍ଧମାଳ*

# ଅଛି ଯଦି ତୁମ ମନେ



## କୈଳାସ ଚନ୍ଦ୍ର ପାଢ଼ୀ

ନବ୍ୟ ଯୁଗର ସଭ୍ୟ ମାନବ
କହିଦିଅ କହିଦିଅ,
ଆଗକୁ କିଅବା ପଛକୁ ରହିଛି
କେଉଁଆଡ଼େ ତୁମ ମୁହଁ।
ବୀରଦର୍ପରେ ଲମ୍ବାଇ ଚାଲ
ଶକ୍ତ ଏକ ଧାଡ଼ି,
ବୁଝି ପାରୁନାହଁ ଚେତି ପାରୁନାହଁ
ଆଗକୁ ନୁହେଁ ରେ ପଛକୁ ପଛକୁ
ଯାଉଅଛ ତୁମେ ମାଡ଼ି।।

ଲଙ୍ଗଳା ସେଇ ଆଦିମ-ମାନବ ପାଶେ
ଛଳନାର-ମୁଖା ପିନ୍ଧି ଚାଲିଛ
କି କଥା କହିବା ଆଶେ ?

ଅନେକ ଯୁଗର ଅଭିଜ୍ଞତା କିବା
ବଖାଣି ବସିବ ତାରେ,
ଘଟିଗଲା ଯାହା ସର୍ପିଳ ଏଇ
ଜୀବନର-ଗତିଧାରେ।
ସେଥିପାଇଁ କିବା ଏତେ ଉତ୍ସୁକ ମନ
ମନର-ଗହନ କଥା କହିବାକୁ
ମଣୁଛକି ଅପମାନ।।

ତୁମେ ଭାବୁଅଛ ଆଗକୁ ଯାଉଛ
ଶତାବ୍ଦୀର-ଯାନ ଚଢ଼ି,
ତୃତୀୟ ନୟନେ ଦେଖୁଛି ମୁଁ ଠିକେ
ସମୟର ସିଡ଼ି ଚଢ଼ି ।
ଯାନ ତୁମ ପଶ୍ଚାତ୍ ମୁଖୀ
ଅଭିଯାନର ସେ ଭବିଷ୍ୟ ବାଣୀ
ଆଜି ମୁଁ ଯାଉଛି ଲେଖି ।।

ଆଗକୁ ଯିବାର ଇଚ୍ଛା-ଅଭୀପ୍ସା
ଅଛି ଯଦି ତୁମ ମନେ,
କୁତ୍ସିତ ଚିନ୍ତା-ଚେତନାର ଖୋଳ
ଉତ୍ତାରି ଆସ
ଆସହେ ବନ୍ଧୁ ଆରୋହଣ କରି
ମାନବିକତାର-ବଜ୍ର-ଯାନେ ।।

ତେବେ ସିନା ତୁମ ଲକ୍ଷ ପୂରିବ
ଶୁଭ-ସ୍ୱାଗତିକା ଶଙ୍ଖ ବାଜିବ
ଦିଗ୍ ବଳୟ ରୁ ତମସା ଖସିବ
ଲୋହିତ -ପାଟଳ-ରେଖା,
ନବୀନ-ଉଷାର ଶିରୋଭୂଷା ହେବ
ନଭ ଅଙ୍ଗନେ-
ହସିବ ସୂର୍ଯ୍ୟଶିଖା।।

*କୁମାରପୁର।ଅନନ୍ତପୁର।*
*ବାସୁଦେବପୁର। ଭଦ୍ରକ।*

# କିଛି କଥା କିଛି ବ୍ୟଥା

## ସୁଜାତା ଦାସ

ପରିଚୟ ମତେ
ଦେବାକୁ ହେବକି
ତୁମ ଦେଉଳକୁ ଆସି
ଜାତି ବୃତ୍ତି ଗୋତ୍ର
ବଂଶ ଅଭିଜାତ୍ୟ
ଅଟେ କେଉଁ ରାଜ୍ୟବାସୀ ।।

ସତେକି ଅଜଣା
ମୋ ଘର ଠିକଣା
ତୁମକୁ ବଡ଼ ଠାକୁର
ପରିଚୟ ଦେଲେ
ମନେ ପଡ଼ିଯିବ
କିଛି କଥା ଅତୀତର ।।

ବଡ଼ ବଡ଼ ବୋଲି
କରଦେଲେ ଆଡ଼
ନୀରବରେ ଯିବି ଚାଲି
ଦିଅ ଦିଅ ବୋଲି
ମାଗିନି ତ କିଛି
ତୁମକୁ ମୁଁ ମୁହଁ ଖୋଲି ।।

ତୁମକୁ ଦେଖିଲେ
ଆଖି ମୋର ଭିଜେ
ଅମାନିଆ ହୁଏ ଲୁହ
ମାନ ଅଭିମାନ
ଯନ୍ତ୍ରଣା ଯାତନା
ସାଥେ ହୃଦେ ଭରେ କୋହ ।।

ଆଖି ସିନା ବୁଝେ
ହୃଦୟର ଭାଷା
ଭାବ ଥିଲେ ହୃଦୟର
ଲୁହ ଭାବେ ବୋଧେ
ତୁମେ ଜଗବନ୍ଧୁ
ନିଜଠୁ ବେଶି ନିଜର ।।

ହୃଦୟ ବୁଝେନି
ଛଳନାର ଛନ୍ଦ
କପଟିଆ ମିଠା ହସ
ମଧୁର କଥାରେ
ବିମୁଗ୍ଧ ନିମଗ୍ନ
ପ୍ରୀତି ସମ୍ମୋହନେ ବଶ।।

ଉଡୁଥାଉ ତୁମ
ବଡ଼ ବଡ଼ ନେତ
ବଢୁଥାଉ ଯଶ କୀର୍ତ୍ତି
ଫେରି ମୁଁ ଯାଉଛି
ଶୂନ୍ୟ ହସ୍ତେ ଦେଖ
ଆଖି ଲୁହ କରି ସାଥୀ।।

ମିତ୍ରପୁର
ବାଲେଶ୍ୱର

# ତୁ ମୋର କିଏ?



## ଶ୍ରୀମନ୍ତ ପଣ୍ଡା

ଖୁସି ବହୁତ ତରତର ଥିଲା
ନ'ଅଟକି ଚାଲିଗଲା
ବିଶାଦ ପାଖରେ ସମୟ ହିଁ ସମୟ
ସେ ମୋସହ ରହିଗଲା.....।।

ସେମାନଙ୍କ ନଜରରେ
ଫରକ ସେମିତି କିଛି ଘଟିନି
ପ୍ରଥମେ ଯେଉଁମାନେ
ବୁଲିବୁଲି ଦେଖୁଥିଲେ
ଆଜି ସେମାନେ ଦେଖିଲେ
ମୁହଁ ବୁଲେଇ ନେଉଛନ୍ତି।।

ଜଣେ କିନ୍ତୁ ମୋସହ
ସବୁବେଳେ ଥାଏ....
ମୁଁ ଚାଲିଲେ ଚାଲେ
ମୁଁ ବସିଲେ ସେ ବସେ
ମୁଁ ରୁଷିଲେ ସେ ରୁଷେ
ମୋ ଆଖିରେ ଲୁହ ଦେଖି
ସେ ଲୁହ ପୋଛେ....।।

ଆଜି ପଚାରିଲି
ତୁ ମୋର କିଏ ?
ତୁ କିଆଁ ମୋସହ ସବୁବେଳେ ଅଛୁ
ସେ ଚାହିଁଲା ମତେ
ଆଉ କହିଲା.....
କିଏ ଆଉ ତୋ ସହ ଅଛନ୍ତି ଯେ ?
ମୁଁ ଆରମ୍ଭରୁ ଅଛି
ଶେଷଯାଏଁ ଥିବି.....
ତୁ ମତେ ପଢ ନପଢ
ତୁ ମତେ ବୁଝ୍ ନବୁଝ୍
ମୁଁ ତୋ *ଛାଇ* ....।।

*ଶବ୍ଦଘର*
ଭୁବନେଶ୍ୱର-୨

# ମା ପରି କେହି ନାହିଁ



## ପ୍ରେମଲତା

ଧୂଳି ଧୂସରିଆ ନିପଟ ଆଖିରେ
କେତେ ସ୍ୱପ୍ନର ଶାମୁକା
ଆଶାର ଜୁଆରେ ଦୁଃଖ ପୋଛି ଦିଏ
ସେ ତ ସାଗରେ ନଉକା।

ଆକାଶଟା ସାରା ପଣତରେ ଗଣ୍ଠି
ପୃଥିବୀରେ ଦେଇ ଭରା
ପବନ ସରିରେ ଶରଧାର ଫୁଲ
ହୃଦ ମମତା ରେ ଭରା।

ସରାଗ ମଧୁର ନିର୍ଭୟ କୋଳରେ
ଉଷୁମ ବାତ୍ସଲ୍ୟ ଗଡା
ମା ପରି କିଏ  ହେବ  ଦୁନିଆରେ
ନିବିଡ ପ୍ରେମର ତୋଡା।

ରଷିଗଲେ କେବେ ହସିଦିଏ ସିଏ
ରାଗିଗଲେ ଦିଶେ ନିଆଁ
ଶୁଖିଲା ଓଠର ପହିଲି ପରଶେ
ଦେଖାଏ ଏହି ଦୁନିଆ।

ଦୁଃଖ ପିଇଯାଏ ସୁଖର ନାଁ ରେ
ସନ୍ତାନର ଶୁଭଚିନ୍ତା
ମାଗେ ନାହିଁ ବୋଲି ତାର ନାଁ ମାଆ
ସୃଷ୍ଟିର ଅମୃତ ଗାଥା।

ହାରିବା ଜିତିବା ମଝିରେ ପ୍ରେରଣା
ବାଜିରେ ସେ ନିରାଧାରା
ଘୋଡା ଚଢିବାର ପ୍ରଥମ  ଚାବୁକ
ସାହା ସିଏ ବାଟସାରା।।

କାଣି କଉଡିଏ ନ ଥାଉ ପଛକେ
କଥା ଜହ୍ନମାମୁଁ  ଭରା
ହଜିଗଲେ ପୁଣି  ଖୋଜି ଆଣି ଦିଏ
ସେ କଲ୍ୟାଣ ମୟୀ ପରା।

# ଲକ୍ଷେ ଶାଳଗ୍ରାମେ ରତନବେଦୀ

## କବି ଦ୍ୱାରିକାନାଥ ଦାଶ



ଚତୁର୍ଦ୍ଧା ମୂରତୀ ନୀଳାଦ୍ରି କନ୍ଦରେ
ଶୋଭା ବଡ ଅନୁପମ
ରତ୍ନବେଦୀ,ମହାବେଦୀ,ଅନ୍ତର୍ବେଦୀ
ନୀଳାଦ୍ରି ମଣ୍ଡପ ନାମ ।।୧।।

ରତ୍ନାସନ ନାମ ଅଟେ ଯେ ମହାନ
(ତାର)ତଳେ ହୀରା,ନୀଳା,ମଣି
ବୈଦୁର୍ଯ୍ୟ,ମାଣିକ୍ୟ,ମୁକୁତା,ସ୍ଫଟିକ
ଲକ୍ଷେ ଶାଳଗ୍ରାମ ଖଣି ।।୨।।

ଶତଦଳ ପଦ୍ମ ଆକାର ଯାହାର
ଶଙ୍ଖନାଭି ରତ୍ନାସନ
ନୀଳ ସିନ୍ଧୁ ତୀରେ ନୀଳ ପରବତେ
ବିଜେ ପତିତପାବନ ।।୩।।

ରତ୍ନାସନ ଅଷ୍ଟ ପାର୍ଶ୍ୱେ ଅଷ୍ଟ ରତ୍ନ
ଖଚିତ ପ୍ରସ୍ତୁତ ଅଛି
ପୂର୍ବପାର୍ଶ୍ୱେ ହୀରା ପଶ୍ଚିମେ ବୈଦୁର୍ଯ୍ୟ
ଦକ୍ଷିଣେ ମୁକ୍ତା ରହିଛି ।।୪।।

ଉତ୍ତରେ ବିଦ୍ରୁମ,ଅଗ୍ନିରେ ସ୍ଫଟିକ
ନୈରୁତରେ ପୁଷ୍ପରାଗ
ଐଶାନ୍ୟ କୋଣରେ ଇନ୍ଦ୍ରନୀଳ ମଣି
ମଧ୍ୟଭାଗେ ବ୍ରହ୍ମରାଗ ।।୫।।

ବାୟୁକୋଣେ ଅଛି ଚନ୍ଦ୍ରକାନ୍ତ ମଣି
ତନ୍ତ୍ର ନିୟମେ ଗଠିତ
ରତ୍ନ ସିଂହାସନ ତନ୍ତ୍ରୋକ୍ତ ନିୟମେ
ଶ୍ରୀ ଯନ୍ତ୍ରରେ ପ୍ରତିଷ୍ଠିତ ।।୬।।

ରତ୍ନାସନ ପରେ ତିନି ଦିଅଁ ଲାଗି
ତିନୋଟି ଯନ୍ତ୍ର ସ୍ଥାପିତ
ବଳଭଦ୍ର ତାରାଯନ୍ତ୍ର ପରେ ଥାନ୍ତି
ସହସ୍ର ଫଣି ଅନନ୍ତ ।।୭।।

ସୁଭଦ୍ରା "ଭୂବନେଶ୍ୱରୀଯନ୍ତ୍ର"ପରେ
କାଳିଆ ର"ଶ୍ୟାମାଯନ୍ତ୍ର"
ଲକ୍ଷେ ଶାଳଗ୍ରାମ ତଳେ ହୋଇଅଛି
ଭୈରବୀ ଚକ୍ର ଅଙ୍କିତ ।।୮।।

ଶାଳଗ୍ରାମ ଶିଳା ଯୋଗୁଁ ମଣ୍ଡପରେ
ମାର୍ଜନୀ ମାର୍ଜନା ନାହିଁ
ପ୍ରଣବାତ୍ମକ"ମହାପଦ୍ମ ସ୍ୱରୂପ
ରତ୍ନ ସିଂହାସନ ଏହି ।।୯।।

ହ୍ରୀଂ ବଳଭଦ୍ର ଶ୍ରୀଂସୁଭଦ୍ରିକା
କ୍ଲୀଂବୀଜ ଶ୍ରୀଜଗନ୍ନାଥ
ଧ୍ରୀଂ ସୁଦର୍ଶନ ଶ୍ରୀଂ ସିଂହାସନ
ପଞ୍ଚ ବୀଜ ଇଦଂ ଭବେତ୍ ।।

ଚାନ୍ଦବାଲି,ଭଦ୍ରକ। ।

# ମଉଳି ଯାଇଛି ଆକାଶର ଜହ୍ନ



## ଭରତ ବେହେରା

ମଉଳି ଯାଇଛି ଆକାଶର ଜହ୍ନ
ଜୋଛନା ଯାଇଛି ହଜି
ତମେ ଗଲା ପରେ ଝୁରୁଛି ତୁମକୁ
ରାତି ଦିନ ଖୋଜି ଖୋଜି।।

ନୀଳ ଗଗନର ସୁନେଲି ସୂରୁଜ
ମୁରୁଜ ଦେଇଛି ବିଞ୍ଚି
ତୁମ ଭାବନାରେ ଅନ୍ଧ ପାଲଟିଛି
ତୁମକୁ ହୃଦୟେ ସଞ୍ଚି।।

ସମୁଦ୍ରର ଉର୍ମି ସ୍ଥବିର ହେଇଛି
ଉତ୍ତାଳ ହେଉନି ଆଜି
ତୁମ ସ୍ମିତ ହାସ୍ୟ ଉର୍ମିମାଳା ସାଜି
ତା ଗର୍ଭେ ଯାଇଛି ହଜି।।

ମରୁ ବାଲି ସମ ମୋ ମନ ପ୍ରାନ୍ତର
ତୁମେ ସତେ ମରୀଚିକା
ଧାଇଁ ତୁମ ପଛେ ଅବଶ ମୁଁ ଆଜି
ଆତ୍ମ ତୃଷା ପାଏ ଧୋକା।।

ପାହାନ୍ତି ଆକାଶ ଧ୍ରୁବ ତାରା ସମ
ମନ ଆକାଶରେ ମୋର
ଉଙ୍କି ମାର କିବା ନିଦ ମୋ ହଜାଇ
ଆସି ତୁମେ ବାର ବାର।।

ତୁମ ପ୍ରୀତି ପୂର୍ଣ୍ଣ ଗଭୀର ଆଶ୍ଳେଷ
ସପନର ସମ୍ମୋହନ
ବନ୍ଦୀ ମୁଁ ଆଜି ତୁମ ଯୌବନରେ
ହୃଦ ମୋ ହୁଏ ଦହନ।।

ଜଳିବାର ଅଛି ଜୀବନ ସାରା ମୋ
ଜଳୁଛି ମୁଁ ଅହରହ
ତଥାପି କାହିଁକି ଭୁଲି ମୁଁ ପାରୁନି
ଘାରିଛି ତୁମରି ମୋହ।।

ଅଭିଶପ୍ତ ମୋର ଜୀବନ ନଉକା
କୂଳେ ପାରେ ନାହିଁ ଲାଗି
ବଞ୍ଚିଛି ମୁଁ ଏକା ମରି ମରି ନିତି
ତୁମ କଥା ଭାବି ଭାବି।।

*ଭୁବନେଶ୍ୱର*

# ମନ ମୟୂରୀ



## ସୁରେନ୍ଦ୍ର କୁମାର ବେହେରା

ମୋ ମନ ମୟୂରୀ କରେ ମନ ଚୋରି
ରାତିର ସପନେ ଆସି
ଲାଜକୁଳୀ  ଭାରି ସ୍ୱର୍ଗ ଅପସରୀ
କଥା କହେ ହସି ହସି ।୧।

ଗୋଲାପୀ ଅଧରେ ପ୍ରୀତିର ଭଉଁରୀ
ଆଖିରେ ଚୋରା ଚାହାଣୀ
କଥାରେ କଥାରେ ଅଯୁତ ଦିନର
ଅଭୁଲା ପ୍ରେମ କାହାଣୀ ।୨।

ହୃଦୟରେ ଭରା ପ୍ରୀତି ଆଲିଙ୍ଗନ
କଥା ମହୁ ପରି ମିଠା
ଚୋରା ଚାହାଣୀରେ ମନଚୋରିକରେ
ଲଗାଇ ପୀରତି ଅଠା ।୩।

ଫୁଲ ପାଖୁଡ଼ାରେ ଜହ୍ନର ଦେହରେ
ହସୁଥାଏ ଖିଲି ଖିଲି
ପ୍ରିୟା ବିନା ଏକା ରାତି ଲାଗେ ଫିକା
ମନରୁ ପାରୁନି ଭୁଲି ।୪।

ମନ ମାୟୂରୀ ମୋ ହୃଦୟ ଦହୁଛି
ସାଜି  ନବବଧୂ ବେଶ
ପ୍ରେୟସୀ  ଆସିବ ପ୍ରୀତି ପରଷିବ
ଭୂଲିଯିବି ଅବଶୋଷ।୫।

ଜିତିପୁର ,ହରିପୁର ହାଟ , ଯାଜପୁର
।

# ମୃତ୍ୟୁ ପୁଣି ଏମିତି ଆସେ.....

## କଳ୍ପନା ରାୟ

ମୃତ୍ୟୁ ପୁଣି ଏମିତି ଆସେ....
କଥା କହୁ କହୁ, ହସୁ ହସୁ
ରାସ୍ତାର ଏପାଖରେ ଦେଖୁଥିବା ଲୋକ
ସେପାଖକୁ ଚାହିଁ ଏପାଖକୁ ଚାହିଁଲା ବେଳକୁ
ସବୁ ଶେଷ, ହଁ, ହଁ ସବୁ ଶେଷ
କିଏ କିଏ ଆଶୁତୋଷଙ୍କୁ ଡାକୁ ଡାକୁ
କେମିତି ଯାଏ ମୂଲ୍ୟବାନ ଜୀବନ।।

ମୃତ୍ୟୁ ପୁଣି ଏମିତି ଆସେ......
ଅସୁର ଗୋଡେଇ ମାଇଲା ପରି
ଯନ୍ତ୍ର ଦାନବ ମାଡିବସେ ସଟ୍ କିନା
ଧକ୍ ଧକ୍ ଚାଲୁଥିବା ହୃଦୟରୁ
ଆଉ ଶୁଣାଯାଏନି ସେ ଶବ୍ଦଗୁମ୍ଫନ
ଶବ୍ଦରେ ଶବ୍ଦ ମିଶି ହୋଇଯାଏ ଶୂନ।।

ମୃତ୍ୟୁ ପୁଣି ଏମିତି ଆସେ........
ଏତେ କଷ୍ଟ ପାଉଥିବା ବୃଦ୍ଧବୃଦ୍ଧାଙ୍କୁ
ସବୁକଥା କହିକାହି ବୁଝେଇବାଝେଇ
ଉତ୍ତରାଧିକାରୀଙ୍କୁ ଦାୟିତ୍ୱ ଦେଇସାରି
ହରେକୃଷ୍ଣ ହରେକୃଷ୍ଣ କହି ତୁଳସୀ
ନିର୍ମାଲ୍ୟ ପାଣି ପିଇ ସାରିବା ପରେ
ଯାଇ ଶାନ୍ତିରେ ଆଖି ବୁଜନ୍ତି ଲୋକ ।।

ମୃତ୍ୟୁ ପୁଣି ଏମିତି ଆସେ.......
ନିଜେ ଦଶମାସ ଗର୍ଭରେ ରଖିଥିବା
ମାଆ ଗୋଟେ ପରେ ଗୋଟେ ଛୁଆ
ବହୁ କଷ୍ଟରେ ବଢେଇ କୁଢ଼େଇ ନିଜ
ଛୁଆକୁ ନିଜେ ମୃତ୍ୟୁପର୍ଯ୍ୟନ୍ତ ଟାଣିନିଏ
ପୁଣି ନିଜେ ମୃତ୍ୟୁକୁ କରେ ଆମନ୍ତ୍ରଣ।।

ମୃତ୍ୟୁ ପୁଣି ଏମିତି ଆସେ.........
ଅତି ଭଲ ପାଉଥିବା, ଆବଶ୍ୟକଥିବା
ଛୁଆର ଆସେ ରୋଗ ରୂପରେ
ତଳିତଳାନ୍ତ ହୁଏ ଲୋକ, ଧନ ମନ
ତଥାପି ମଣିଷର କଷ୍ଟ ସରେନା କି
ରୋଗରୁ ମୁକ୍ତ ହୁଏନା, ବଳ ବୟସ
ଉଭୟ ଗଲା ପରେ ଯାଏ ଜୀବନ।।

ଲଇଡା, ସମ୍ବଲପୁର

# ଖୋଲି ଦିଅ ତମ ଆଖି

## ସୃଜନ କବି : କାଙ୍ଗାଳୀ ଚରଣ ସେଠୀ

ମନା ମାନିଲନି ମାନିନୀ ଗୋ ! ତମ
ମନ ତଳେ ମତାନ୍ତର
ସ୍ନେହ ଭରା ତମ ଶୀତୁଆ ସଂଜରେ
ସ୍ୱପ୍ନ ଦେଖେ ବାରମ୍ବାର ।
ସୀମା ସରହଦ ସେପାରିରେ ତମ
ସୁନ୍ଦର ଶିଶିର ସ୍ନାନ
ଚୂର୍ଣ୍ଣ କୁନ୍ତଳରେ ଚୋରି କରି ନିଅ
ରଙ୍ଗ ରସିଆର ମନ ।
ବଉଳ ବାସରେ ବହଳ ବେଦନା
ବିଧୂ ବେଦନା କି ଜାଣ ?
ବାଙ୍କ ଚାହାଣୀରେ ବୟସ ବସନ୍ତ
ବିଭୋର ବର୍ଣ୍ଣାଳୀ ବୁଣ ।
ଚନ୍ଦ୍ରାନନୀ ତମ ଚୁନେରୀ ଚିବୁକେ
ଚମକଇ ଚନ୍ଦ୍ରଶାଳା
ଚିତ୍ରଲେଖା ଗୋ ! ଚିପା ହସେ ତମ
ଦନ୍ତ ପନ୍ତୀ ମୁକ୍ତାମାଳା ।
ଭୁଲି ଯାଅନି କି ଭୁଲେଇ ଦିଅନି
ଖୋଲିଦିଅ ତମ ଆଖି
ଚିପିଲିମାରୁ ଚୁମା ଆଣିଛି ମୁଁ
ଦେବି ତମ ମନ ଲାଖି ।

ବର୍ତ୍ତଣ୍ଡା, ସୁକିନ୍ଦା, ଯାଜପୁର

## ସକାଳର ଜଣାଣ
## କାମନା ବାସନା

### ବିଜୟ କୁମାର ଜେନା

କାମନା ବାସନା ଭିଡେ ଛନ୍ଦି ହୋଇ
ଭଲ ମନ୍ଦ ପାଶୋରିଲି
ଧନ ଯଉବନ ପଛରେ ଗୋଡ଼ାଇ
ବହୁ ଅନୁତାପ କଲି।।

ଉଚ୍ଚାରଣ ଆଉ ଆଚରଣେ ମଧ୍ୟେ
ଶତ୍ରୁତା ରେ ଗଲି ବୁଡି
ଜ୍ଞାନର ସୀମାକୁ ଉଜାଡି ଦେଇଛି
ଧର୍ମ ପଥ ଏବେ ହୁଡ଼ି।।

ନିରାଶାରେ ପ୍ରଭୁ ବୁଝି ତ ପାରୁଛି
ତୁମେ ଏକା ମୋର ସାହା
ଧନ ଦାରା ସୁତ ଆବର ସମ୍ପଦ
କେ ନୁହନ୍ତି ଏଠି ରାହା।।

ଦଇବ ଶକତି ନାହିଁ ଆନ ଗତି
ତୋ ପାଦେ ନିଏ ଶରଣ
କାଳିଆର ବାହୁ ତା ଚକାନୟନ
ପଥ ପ୍ରଦର୍ଶକ ଜାଣ।।

ମାଗିବାକୁ ଟିକେ ଲାଳସା ବି ନାହିଁ
ତୋର ନାମ ମୋର ପୁଞ୍ଜି
ଯେତେ ଦିନ କଣ୍ଟ ଅଛି ଏ ମରତେ
ତୋ ନାମ ରେ ଯିବି ହଜି।

ଅବସର ପ୍ରାପ୍ତ ପ୍ରାଧ୍ୟାପକ ଶାମୁକା ସାହି , ରଣପୁର, ନୟାଗଡ଼

# ବାଉଳା ମନ



## ନଗେନ୍ଦ୍ର କୁମାର ରାଉତ

ଜୀବନର ବଡ଼ ଦାଣ୍ଡେ
ଛିଡ଼ା ହୋଇ ମୂଢ
ନିଜକୁ ବୋଲାଉ ସଦା
ସବୁଠାରୁ ବଡ଼ ?

ଧନ ବଳ ଶକ୍ତି ଦେହ
ଏ ସବୁ ଅନିତ୍ୟ
ସବୁ ଜାଣି କାହିଁ ପୁଣି
ହୀନ କାର୍ଯ୍ୟେ ନିତ୍ୟ?

ଅପକର୍ମେ ସମୟକୁ
କରୁ ବିନିଯୋଗ
କାଳର ତାଡନା ଦ୍ୱାରା
ଯାତନା ଯେ ଭୋଗ୍ୟ
ଲେଖାଅଛି କି ତୋ କର୍ମେ
ଅନ୍ୟାୟ ଅନୀତି
ମନୁଷ୍ୟ ଜନମେ କିବା
ନାହିଁ ତୋର ମୁକ୍ତି ?

ବ୍ୟବହାରେ କର୍ମ ଯୋଗେ
ସଂସାରୁ ତରିବ
ମିଠା ମିଠା କଥା କହି
ମନକୁ ମୋହିବ।
ଖୁସି ଦେଇ ନ ପାରିଲେ
ଦୁଃଖ ହିଁ ନ ଦେବ
ଅନ୍ତଃ କାଳେ ଯାଇ ଅହି
ନର୍କରେ ପଡ଼ିବ।।

ଏବେବି ସମୟ ଅଛି
ଖୋଲା ଅଛି ପଥ
ବାହିବାକୁ ଚାହୁଁ ଯେବେ
ଏ ଜୀବନ ରଥ।
ସତ କର୍ମ ଧର୍ମ ଯୋଗ
ଆଦର ତୁ ଯେତେ
ପାପ ତାପ ଖଣ୍ଡିହେବ
ସେ ଧର୍ମର ହାତେ।

ପ୍ରତିଷ୍ଠାତା
ମା ଶାରଳା ସାହିତ୍ୟ ସଂସ୍କୃତି ପରିଷଦ,ପୋଡାମରାଇ, ମାହାଙ୍ଗା, କଟକ।

# ଗିରିକନ୍ୟା

## ରଞ୍ଜିତା ପତି



ଗିରି କନ୍ୟା ମୁଁ ଯେ
ତେଜି ଗିରିଗୁହା
ଆସିଛି ତୁମ ସନ୍ଧାନେ
ପ୍ରିୟତମ ମୋର
ରତ୍ନର ଆକାର
ତୁମ ପ୍ରୀତି ନିମଗନେ ।।

କୋଟି ପୂଣ୍ୟ ତପ
ନାନା ପୂଜା ଜପ
ସଙ୍ଗତିରେ ତୁମ ପ୍ରାପ୍ତ
ଆସିଅଛି ଧାଇଁ
କେତେ ଦୂରୁ କାହିଁ
ହେବାପାଇଁ ବକ୍ଷେ ଲିପ୍ତ ।।

ଏ ମୋର ଜୀବନ
ସମର୍ପିତ ପୂର୍ଣ୍ଣ
ବିଶାଳ ହୃଦୟେ ତୁମ
ସ୍ୱାର୍ଥ ର ଦୁନିଆଁ
ସାଜି ସ୍ୱାର୍ଥାନ୍ୱେଷୀ
ମାନବ ସାଜିଛି ଯମ ।।

ଗଢି କେତେ କଳ
କରିଛି ଆବିଳ
ସ୍ୱଚ୍ଛ ସ୍ନିଗ୍ଧ ମୋର ଜଳ
ରହିଅଛି ଯେତେ
ନୈସର୍ଗିକ ଶୋଭା
ସବୁଜିମା ଛଳଛଳ ।।

ମୁଁ ଯେ ମାତୃରୂପା
ଲଭି ବିଭୂ କୃପା
ଉତ୍ସର୍ଗିତ ଏ ଜୀବନ
ଏହି ମୋ ପରାଣ
କଲି ସମର୍ପଣ
ବିଶ୍ୱ ହିତେ ମୋ ସ୍ପନ୍ଦନ ।।

ବକ୍ଷେ ନେଇ ଟାଣି
ଭାଷି ପ୍ରିୟ ବାଣୀ
ଅନନ୍ତ ସେ ମହୋଦଧି
ପୂଣ୍ୟମୟୀ ତୁହି
ପ୍ରଣମଇ ତୋତେ
ତ୍ୟାଗର ତୁ ମହାଦେବୀ ।।

ବାହନାଗା ଖେଦ
ନୁହଁ ଅବସାଦ
କରି ଚାଲ ତୋ କରମ
ଧନ୍ୟ ହୋଇଯିବ
ଏଇ ତୋ ଜନମ
ସୃଷ୍ଟି ରେ ତୁ ଅନୁପମ ।।

ଗଞ୍ଜାମ

# ଭକ୍ତ ବତ୍ସଳ ଭାବଗ୍ରାହୀ


## ସୁଭଦ୍ରା ମହାପାତ୍ର


ପଡୁ ଯେତେ ପ୍ରମାଦ ଛାଡ଼ିବି ନାହିଁ ପଦ
ପାଦ ତଳକୁ ତୋ ଆସରା
ଭରସା ଅଛି ମୋର ନକରିବ ହେ ପର
ଭକ୍ତ ବତ୍ସଳ ତୁହି ପରା ହେ ଭାବଗ୍ରାହୀ
ଅନ୍ତରେ ଡାକୁଅଛି ମୁହିଁ
ଅନ୍ତର୍ଯ୍ୟାମୀ କି ଜାଣ ନାହିଁ
ରଖ ଜଗତନାଥ ହୋଇଲି ମୁଁ ଅନାଥ
କୃପା ସାଗର ପରା ତୁହି ହେ ଭାବଗ୍ରାହୀ ।।

ଦର୍ଶନ ଉଗ୍ରସେନ ଦେଲ ନନ୍ଦ ନନ୍ଦନ
ଯମୁନା ସୁଖୀ ପାଦ ଛୁଇଁ
ସେ ପଦ ପ୍ରାନ୍ତେ ଲୟ ଥାଉ ମୋ ଦୟାମୟ
ଶରଣ ଶ୍ରୀପାଦରେ ମୁହିଁ, ହେ ଭାବଗ୍ରାହୀ
ବିଷୟା ବିଷରେ ମଜିଲି
ଭବ ସାଗରେ ଭାସିଗଲି
କଳା ନାଉରି ନାବ ଦେଇ ରଖ ହେ ଠାବ
ଚରଣେ ଶରଣ ମୁଁ ଗଲି ହେ ଭାବଗ୍ରାହୀ ।।

କ୍ଷମା କ୍ଷମାବାରିଧି ସଦା ମୁଁ ଅପରାଧୀ
ଆଶ୍ରିତା ତୋ ବାହୁ ଛାୟାରେ
ମାୟା ମୋହ ବିନାଶ ଉଦ୍ଧର ପୀତବାସ
ଘାଣ୍ଟି ହେଉଛି ତୋ ମାୟାରେ ହେ ଭାବଗ୍ରାହୀ
ସବୁ ତୋହର ଇଚ୍ଛାଧିନ
ମୁହିଁ ଜଡମତି ଅଜ୍ଞାନ
କରୁଅଛି ଦୟିନୀ ଯୋଡ଼ିଣ ବେନି ପାଣି
ପଦ ପଙ୍କଜେ ଦିଅ ସ୍ଥାନ ହେ ଭାବଗ୍ରାହୀ ।।


ବଡମ୍ବା, କଟକ।

# ଜୀବନ



## ରଞ୍ଜନ କୁମାର ଦଳାଇ

ରାତିର ଦରିଆରେ
ନିଦର ବେଳାଭୂମିରେ
ଯେଉଁଠି ମିଳେ ସ୍ୱପ୍ନର ଶାମୁକା
ସେ ହେଉଛି ମନର ଇଲାକା ।।

ଅତୀତର ଦୁଆରେ ଦେଶରେ
ସ୍ମୃତିର ମନ୍ଦିର କାନ୍ଥରେ
ଲେଖା ଇତିହାସର ରୂପରେଖ
ହୋଇଛି ମୋ ଜୀବନ ସଙ୍ଗୀତ।।

ଜୋଛନା ନଦୀତୀରେ
ଆକାଶ ଗଛଡାଳେ
ତାରା ଫୁଲରେ ଗୁନ୍ଥା ହାର
ହୋଇଛି ମୋ ଜୀବନର ସାତସୁର ।।

ପାହାଡି ଝରଣା କୁଳୁ କୁଳୁ ତାଳେ ତାଳେ
ବନର ଦେଶରେ ଟିକି ଚଢେଇର ରାବ
ବହିଯାଏ ଜୀବନରେ ପବନର  ବେଗ
ସେହି ପବନରେ ଉଡିଚାଲେ  ଜୀବନ।।

ସବୁଜିମାର ଦୁନିଆଁରେ ଶିଶିର ବୁଣେ ହୃଦେ
ଆଖିର ଉଜ୍ଜ୍ୱଳ ଦୃଷ୍ଟି ମୁକ୍ତା ଢାଳେ
ଝଲମଲ ଦୂର ଦିଗବଳୟ ଯାଏ ଦିଶେ
ସେ ହେଉଛି ଜୀବନର ଅନ୍ତିମ ଲକ୍ଷ୍ୟପଥ।।

ପ୍ରସାର ସମ୍ପାଦକ, ରାଜଶ୍ରୀ, କୋରୋ, କେନ୍ଦ୍ରାପଡା

# ଶକୁନି

## ପ୍ରଶାନ୍ତ କୁମାର ନାଥ

କୁମନ୍ତ୍ରଣା ସିନା ଶକୁନିର ବେଶ
ମନେ ତା'ର ପ୍ରତିଶୋଧ
ଆପଣା ଜନଙ୍କୁ ହାରିଦେବା ପରେ
ହୃଦେ ଭରିଅଛି କ୍ରୋଧ।

ତା ପଶାର ପାଲି ତା ମନର ହାରି
ଦୁର୍ଯ୍ୟୋଧନ ପାଇଁ ଲାଭ
ପାଣ୍ଡବଙ୍କ କ୍ଷତି ହେଲେ ସିନା ଯାଇ
ତା ପାଇଁ ହୋଇବ ଲାଭ।

କୌରବଙ୍କ ପାଇଁ ଶକୁନି ଶିକୁଳି
ମହାଭାରତର ଧାର
ସେ ଧାରରେ ଚାଲି ଶହେ କୌରବ
ଭାଇଙ୍କୁ କରିଲେ ପର।

କୁଟିଳ ଶକୁନି କପଟରେ ପଡି
ଖେଳିଲେ ସେ ପଶାପାଲି
ଜିତିଲେ ସର୍ବସ୍ୱ ହାରିଲେ ମହତ୍ତ୍ୱ
ମାନ ସନମାନ ଭୁଲି।

ଅନ୍ଧ ପୁତ୍ର ଅନ୍ଧ ହୋଇଗଲା ସେ ଯେ
ଅହଂକାରେ ବାଟ ବଣା
ଶକୁନି ମାମୁଁର ବୁଦ୍ଧିରେ ପଡି ସେ
ପାଣ୍ଡବଙ୍କୁ କଲା ଘୃଣା।

ସତ୍ୟ ଧର୍ମ ସବୁ ଭୁଲିଲେ କୌରବ
ରାଗ ଈର୍ଷା କ୍ରୋଧ ବୋହି
ଅଧର୍ମୀ ହୋଇଲେ ସଂସାର ମଧରେ
ବିଧାତା ନ ପାରେ ସହି।

ମହାଭାରତଟା ରଚିଲା ଶକୁନି
କୁରୁଙ୍କୁ କରି ଆପଣା
କୃଷ୍ଣ ଭଗବାନ ମାୟା କରୁଥିଲେ
କାହାକୁ ନଥିଲା ଜଣା।

ମରାଇ ମରିଛି ଶକୁନି ଶେଷରେ
ନିଜ ପ୍ରତିଶୋଧ ପାଇଁ
କୁଟିଳତା ପଣ ନୁହେଁ କେବେ ଭଲ
ଆପଣାର ହିତ ପାଇଁ।।

(ଜୁଣଗଡି) ରାଜନଗର କେନ୍ଦ୍ରାପଡ଼ା।

# ଅନ୍ଧ, ମୂକ, ବଧିର

## ବାସ୍ତବବାଦୀ କବି ଡ଼. ନିର୍ମଳ ନାୟକ

ଇନ୍ଦ୍ରିୟ ବିହୁନେ... ଜନ୍ମ ଅକାରଣେ....
ଲାଗଇ ନିରସ ଧରା...
କିଛିଟା ଥାଇବି... କିଛି ନ ପାଇବି...
ବଞ୍ଚି ନିରର୍ଥକ ପରା...!!

ନେତ୍ର ଦ୍ୱୟ ଥିବ.... ଅନ୍ଧ ପରି ଭାବ...
ସତେକି କିଛି ଦେଖିନି...
ଏମିତି ସଂସାରେ.... ମିଳିବେ ହଜାରେ...
ସ୍ୱଦେଖି କିଛି ଜାଣିନି...!!

ଏମିତି ମଣିଷ.... ମିଳେନି ପୌରୁଷ....
ନିନ୍ଦା ଅପବାଦ ପାଏ ...
କେତେ ବୁଝାଇଲେ...ହଜାରେ କହିଲେ...
କେବେ ମନକୁ ନପାଏ....!!

ପାଟି ଅଛି ତୋର... କହିବାକୁ ଡର...
ମୂକ ପରି ଭାବ ରଖି...
କହିଲେ ଜାଣିବେ... ମନ ତୋ ବୁଝିବେ...
ଭାବନା ତୋ ଆଗେ ରଖି...!!

କିଛି ନ କହିଲେ... ମୂକ ପରି ହେଲେ...
ମନ କଥା ମନେ ଥାଇ...
ଦୁଃଖ, କଷ୍ଟ ସହି.... ଚୁପ ଚାପ ରହି..
ହତାଦର ପାତ୍ର ହୋଇ...!!

ଶୁଣି ତୁ ଅଶୁଣା... ହୋଇ ବାଟ ବଣା...
କର୍ଣ୍ଣ ଥାଇ ତୁ ବଧିର....
କିଛି ତୁ ଶୁଣୁନୁ.... କିଛି ତୁ ବୁଝୁନୁ....
ନିଜ ଲୋକେ ସାତପର...!!

ଏପରି ସଂସାରେ... ବୁଲନ୍ତି ବେକରେ...
ସବୁ ଥାଇ କିଛି ନାହିଁ...
ଆଖି, ପାଟି, କାନ.... ଥାଇବି ସମ୍ପୂର୍ଣ୍ଣ...
ନ ଥିବାର ନାଟ କାହିଁ...?

ନାଗପୁର
ମୋ.**8275533780**

# କେମିତି ଜିଇଁବ ପ୍ରେମର ବୀଜଟା

## ସୌଦାଗର ବିଶ୍ୱାଳ

ଦୁଃଖ କିଆରୀରେ ସୁଖର ସପନ
ବୁଣିବାକୁ ଲିପ୍ସା କଲି
ପ୍ରେମର ବରଷା ଝଡ଼ ରୂପ ନେଇ
ଉଜାଡ଼ି ଦେଇଛି  ଖାଲି।।

ଆଁ କରିଥିଲି ପ୍ରୀତି ବରଷାକୁ
ଝରିଲା କୁଆ ପଥର
ତା ସହ ହୋଇଲା ବଜ୍ରପାତ କେତେ
ଭାଙ୍ଗିଲା ମୋ ସ୍ୱପ୍ନ ଘର।।

ବୈଶାଖେ ବୈଶାଖୀ ନେଲା କାଳ ରୂପ
ବହିଲା ପଶ୍ଚିମା ବାଆ
କେମିତି ଜିଇଁବ ପ୍ରେମର ବୀଜଟା
କହତୁ ବରଷା ମାଆ।।

କେମିତି ଏମିତି ବରଷି ଗଲୁ ଯେ
ମତୁଆଲି ମନ ନେଇ
ଅଙ୍କୁରିତ ହେବା ଆଗରୁ କିଆଁ ଗୋ
ଗଲୁ ମୋ ଜୀବନ ନେଇ।।

ଏଇ କ'ଣ ତୁମ ମାଆ ମାଆ ଡାକ
ବର୍ଷା ରାଣୀ ବର୍ଷା ରାଣୀ
ଥରୁଟିଏ ତୁମେ ଝରି ପଡ ଗୋ
ଜିଇ ଯିବି କିଛି କ୍ଷଣି।।

# ସପନର ସାଥୀ

## ଅଜୟ୍ କୁମାର ପାତ୍ର

ସପନର ଯେତେ ଗୋପନ କାହାଣୀ
ଗୋପନେ ଯାଉଛି ହଜି,
ଗୋପନ ପିରତୀ ଗୋପନ ହୁଅଇ
ସପନକୁ କରି ସାଥୀ ।

ସପନରେ ଆସି ସପନରେ ଯାଉ
ଛାତିରେ ମୋ ଭରି ତାତି,
ସପନ ସାଥୀ ତୁ ଚୋରାଉଛୁ ନିଦ
ହଜାଇଛି କେତେ ରାତି ।

ଆଉ କେତେଦିନ ସପନେ ସପନେ
ଗୋପନରେ ଆମ ପ୍ରୀତି,
ଗୋପନ ପୀରତି ସପନରେ ସିନା
ଆଖିରେ ମୋ ବନ୍ୟା ସ୍ଥିତି ।

ଭରିଚି କୁହେଳି ତୋ ଚୋରା ଚାହାଣୀ
ବୈଶାଖେ ବହେ ଚଇତି,
ସପନେ କସ୍ତୁରୀ ଚନ୍ଦନ ମାଖି ତୁ
ଛାତିରେ ମାରୁ ମୋ କାତି ।

ସପନ ରାଇଜେ ରାଜଜେମା ସାଜି
ସପନେ ନଭରି ପ୍ରୀତି,
ମୋ ମନ ରାଇଜ ନନ୍ଦନ ବନରେ
ପକା ଏବେ ପ୍ରେମ ଭିତ୍ତି ।

ଗୁଲନଗର , କେନ୍ଦ୍ରାପଡ଼ା

# ମିଛ

## ବିବାସିନୀ ପଟ୍ଟନାୟକ

ମିଛ ସାମ୍ରାଜ୍ୟରେ ମିଛର ରାଜୁତି
ସତଟା ଯାଇଛି ହଜି,
ସତଟାକୁ ଯିଏ ଆବୋରି ନେଇଛି
ଜୀବନ ରହୁଛି ବାଜି । ।

ବାଇଆ ଆସିବ ଖାଇଦେ ବୋଲି
ପିଲା ଶୁଣିଥାଏ ମିଛ,
ମିଛ ଗପପେଡି ଅସୁରୁଣୀ ବୁଢୀ
ମିଛ ଖାଲି ଆଉ ମିଛ । ।

ଘରେ ଥାଇ ପୁଣି ଫୋନ୍ ଆସିଲେ ଯେ
ଘରଣୀକୁ ଏ ଆଦେଶ
ନାହାନ୍ତି ଘରେ ସେ କାମରେ ବାହାରେ
ଘରଣୀ କହଇ ମିଛ । ।

ମିଛକୁ ସତର ପ୍ରମାଣ ପାଇଁକି
ରାଣ ନିୟମର ମିଛ,
ଗୋଟିଏ ମିଛକୁ ଲୁଚାଇବା ପାଇଁ
ଆସଇ ହଜାରେ ମିଛ ।।

ଧାର୍ ଦେଇଥିଲେ ପ୍ରମାଣ ନ ଥିଲେ
ଦେବା ଲୋକ ହୁଏ ମିଛ,
ସହିଷ୍ଣୁତା ଜନେ ସହିବାର ପଣେ
ଗର୍ଜନ କରଇ ମିଛ। ।

ବିଶ୍ୱାସ ଭରସା ନାହିଁ ତ କାହାକୁ
ଏଠି ପାଦେ ପାଦେ ଖାଲି ମିଛ
ସଂପର୍କ, ସମ୍ବନ୍ଧ, ସ୍ନେହ,ପ୍ରୀତି,ପ୍ରେମ
ସବୁ ମିଛ ଖାଲି ମିଛ । ।

ମିଛ ପ୍ରରୋଚନା ଲାଗି ଭାଙ୍ଗେ ସିନା
ପରିବାରର ସଂପର୍କ,
ମିଛକୁ ଧରିକି ବାଟ ଚାଲୁଥିଲେ
ଟଳମଳ ହୁଏ ପାଦ ।।

ଗୀତା ପାଠ ଛୁଇଁ କେତେ ମିଛ ଏଠି
ଦୋଷୀ ହୁଅଇ ଖଲାସ,
ଦେବତା ମନ୍ଦିର ସାଜିଛି ପଥର
ମିଛ ନିୟମର ସ୍ପର୍ଶ। ।

ଲାଞ୍ଚ,ମିଛ ଚୋରି ନୀତିରେ ସବୁରି
ଲୁଚା ଚୋରା ଦିଆନିଆ,
ମିଛ ନ କହିଲେ ବଞ୍ଚିବା ମୁସ୍କିଲ୍
ଏ ତ ମିଛର ଦୁନିଆ । ।

ମିଛ ପ୍ରତିଶ୍ରୁତି,ମିଛ ଅଭିଯୋଗ
ମିଛର କାହାଣୀ ପେଡି,
ମିଛରେ କେବଳ ହସୁଛି ସଂସାର
କ୍ଷଣିକ ସଂପର୍କ ଯୋଡି ।।

ଗୋଟିଏ ମିଛରେ ହଜାରେ ସମ୍ମାନ
କ୍ଷଣିକର ଖୁସି ଇଏ,
ଗୋଟିଏ ସତର ଧଇର୍ଯ୍ୟ ସାହସ
ଜୀଇଁବା ଶିଖାଇ ଦିଏ ।।

ସବୁ ମିଛରେ ଯେ ଗୋଟିଏ ତ ସତ
ତାକୁ ଧରି ବାନ୍ଧି ରଖ
ସତ ସାହାରାରେ ହଜାରେ ଶତ୍ରୁତା
କିଛି କରି ନ ପାରିବ ।।

ମିଛରେ ଆସକ୍ତ ନୋହି ନିରାଶକ୍ତ
ପ୍ରଭୁଙ୍କ ନାମ ସ୍ମରଣେ,
ସବୁ ବୋହିନେବେ ପାଖ ନ ଛାଡିବେ
ଲୟ ରଖିଥା ଚରଣେ ।।

କାଳୁପଡାଘାଟ ,
ଖୋର୍ଦ୍ଧା

# ପ୍ରବନ୍ଧ ବିଭାଗ

# ଏବଂ

# କାହାଣୀ ବିଭାଗ

# ଗଣକବି ବୈଷ୍ଣବ ପାଣି

## ବାବାଜୀ ଚରଣ ଦାସ

ଓଡ଼ିଆ ଗୀତିନାଟ୍ୟର ଜନକ ବୈଷ୍ଣବ ପାଣି କଟକ ଜିଲ୍ଲା ମାହାଙ୍ଗା ଅନ୍ତର୍ଗତ କୋଠପଦା ଗାଁରେ ୧୮୮୨ ମସିହା କୁମାର ପୂର୍ଣ୍ଣିମା ଦିନ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ସୁଦର୍ଶନ ପାଣି ଓ ମାତାଙ୍କ ନାମ ଚାନ୍ଦ ଦେବୀ। ପିଲାଦିନରୁ ରୋଗାକ୍ରାନ୍ତ ଶତୃଘ୍ନଙ୍କୁ ତାଙ୍କ ପିତାମାତା ପୁରୀ ବଡ଼ଛତା ମଠ ତଳେ ବୈଷ୍ଣବ କରିଦେବାରୁ ସେ ବୈଷ୍ଣବ ପାଣି ନାମରେ ପରିଚିତ ହେଲେ।

ଅଭାବ ଅନାଟନ ଥିଲା ତାଙ୍କ ଚିର ସହଚର। ପିଲାଟି ଦିନରୁ କୋଠପଦା ମଠ ମହନ୍ତଙ୍କ ଫୁଲତୋଳା,ଫୁଲଗୁନ୍ଥା, ଲୋକଙ୍କ ଗାଇ ଜଗା ଓ ଇଂରାଜୀ ବିଦ୍ୟାଳୟର ପାଚକ କାମ କରି ସେ ପେଟ ପୋଷିଥିଲେ। ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୋଳାନାଥ ମିଶ୍ର ଚତୁର୍ଥ ଶ୍ରେଣୀରେ ବୈଷ୍ଣବ ପାଣିଙ୍କ ନାଁ ଲେଖାଇ ଅବୈତନିକ ଶିକ୍ଷା ଦାନ କରିଥିଲେ। ବୈଷ୍ଣବ ପାଣି ଷଷ୍ଠ ଶ୍ରେଣୀରେ ଶିକ୍ଷା ସମାପ୍ତ କରି ଘରୋଇ ଶିକ୍ଷକ ହେଲେ।

୧୯୦୩ ମସିହାରେ ତାଙ୍କର ପ୍ରଥମ ଗୀତାଭିନୟ ମେଘନାଦ ବଧ।ସେ ଅନେକ କାଳ୍ପନିକ, କିମ୍ବଦନ୍ତୀ ମୂଳକ, ପୌରାଣିକ, ଐତିହାସିକ, ଚରିତ୍ର ଧର୍ମୀ ଓ ସାମାଜିକ ନାଟକ, ଗୀତିନାଟ୍ୟ,ଗୀତାଭିନୟ,ସୁଆଙ୍ଗ ରଚନା କରିଛନ୍ତି।

ଡକ୍ଟର ମାୟାଧର ମାନସିଂହଙ୍କ ଭାଷାରେ,ଯେଉଁମାନେ ପ୍ରାଚୀନ ଓଡିଶୀ ଯାତ୍ରାକୁ ଆଧୁନିକ କରିଥିଲେ, ସେମାନଙ୍କ ମଧ୍ୟରେ ବିଖ୍ୟାତତମ ହେଉଛନ୍ତି ବୈଷ୍ଣବ ପାଣି। ସେଦିନର ଓଡ଼ିଆ ରଙ୍ଗମଞ୍ଚରେ ନଟ-ବାଳକ ବୈଷ୍ଣବ ପାଣି, ଶତାଧିକ ନାଟକ ରଚନା କରିଛନ୍ତି, ଯାହା ମଧ୍ୟରୁ ପାଣିଙ୍କ ଜୀବଦ୍ଦଶାରେ କେତେକ ନାଟକର ୪୦ ତମ ସଂସ୍କରଣ ପର୍ଯ୍ୟନ୍ତ ସମ୍ଭବ ହୋଇଥିଲା।

ତାଙ୍କର ପୌରାଣିକ ଗୀତିନାଟ୍ୟ, ଗୀତାଭିନୟ, ସୁଆଙ୍ଗ ମଧ୍ୟରେ ରଙ୍ଗସଭା, ବ୍ରଜଲୀଳା, ଧ୍ରୁବ ଚରିତ,କୀଚକ ବଧ, ପ୍ରହ୍ଲାଦ ଚରିତ,ଦାଣ୍ଡି ପର୍ବ,ଦାନବୀର ହରିଶ୍ଚନ୍ଦ୍ର,ନଳଦମୟନ୍ତୀ,ରାବଣ ବଧ, ମହିଷାସୁର ବଧ, ସହସ୍ରା ରାବଣ ବଧ, ବକାସୁର ବଧ,ବାଲ୍ୟ ଲୀଳା, ସୁଭଦ୍ରା ହରଣ,ମାଧବ ସୁଲୋଚନା, ସାବିତ୍ରୀ ସତ୍ୟବାନ, ନିକୁଞ୍ଜ ମିଳନ, ପାର୍ବତୀ ବିବାହ,ରଘୁ ଅରକ୍ଷିତ ନାବ କେଳି, ଲକ୍ଷ୍ମୀ ପୂଜା, ହରପାର୍ବତୀ ବିଭା,ଜରାସନ୍ଧ ବଧ, ଦୁର୍ଯ୍ୟୋଧନ ବଧ,ମୁକ୍ତାଚୋରି ପ୍ରଧାନ। ସେ ଅଗଣିତ ଜନତାଙ୍କ ହୃଦୟରେ ଜଣେ ନିର୍ଦ୍ଦେଶକ, ଅଭିନେତା, କବି,ଲେଖକ ଭାବରେ ସ୍ଥାନ ଅଧିକାର କରିଛନ୍ତି।

କିମ୍ବଦନ୍ତୀମୂଳକ ଗୀତିନାଟ୍ୟ ଗୀତାଭିନୟ ମଧ୍ୟରେ ଯଯାତିକେଶରୀ, ଲାବଣ୍ୟବତୀ ଚନ୍ଦ୍ରଭାନୁ ପରିଣୟ, ସାକ୍ଷୀଗୋପାଳ, ଶ୍ୱେତ ବସନ୍ତ, କେଦାରଗୌରୀ, ଚରିତ୍ରଧର୍ମୀ ଗୀତିନାଟ୍ୟ ଗୀତାଭିନୟ ମଧ୍ୟରେ କାଳିଦାସ,ମୀରାବାଇ, କଳାପାହାଡ଼, ଚନ୍ଦ୍ରଗୁପ୍ତ, ସଂଯୁକ୍ତା ପରିଣୟ, କାଳ୍ପନିକ ସୁଆଙ୍ଗ ମଧ୍ୟରେ ଠକ ପୁରାଣ, ଜୟନ୍ତ ଜୟପାଳ ପ୍ରଧାନ। ଏହାବ୍ୟତୀତ ଅମରବିଳାସ,ନିର୍ବାସିତ ରାଜପୁତ୍ର,ଫାର୍ଶ ମାନଙ୍କ ମଧ୍ୟରେ ସୌଦାଗର,ନାଟୁଆ ମହାନ୍ତି,ଆଲିବାବା, ଗୋପାଳ ଭାଣ୍ଡ ପ୍ରହସନ ଅନ୍ତର୍ଗତ।

ରାମାୟଣ, ମହାଭାରତ, ସାରଳା ମହାଭାରତ, ଭାଗବତ, ଦାଣ୍ଡି ରାମାୟଣ ବିଲଙ୍କା ରାମାୟଣ,ଅଭିଜ୍ଞାନ ସକୁନ୍ତଳମ୍,ପ୍ରଣୟ ବଲ୍ଲରୀ ଆଦି ଅଧ୍ୟୟନ କରି ସେଥିରୁ ତଥ୍ୟ ଓ ଉପାଖ୍ୟାନ ସଂଗ୍ରହ କରୁଥିଲେ।

ସେ ଅନେକ ଚଉତିଶା, ଭଜନ, କୀର୍ତ୍ତନ,ଜଣାଣ ସହିତ ଓଲଟ ଚଉତିଶା, ରାଧାକୃଷ୍ଣ ଚଉତିଶା, ନୀଳାଚଳ ଚଉତିଶା, ମଙ୍ଗଳା ଚଉତିଶା ରଚନା କରିଛନ୍ତି।

ସେ ତତ୍କାଳୀନ ସମୟରେ ଓଡ଼ିଶା ତଥା ଭାରତର ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳରେ ସାଧାରଣ ଲୋକଙ୍କ ବୋଧଗମ୍ୟ ଭାଷାରେ ଗୀତିନାଟ୍ୟ, ଗୀତାଭିନୟ, ସୁଆଙ୍ଗ ମାଧ୍ୟମରେ ଶିକ୍ଷା ଓ ଜାତୀୟ ଚେତନା ଅଭିବୃଦ୍ଧିର ମାଧ୍ୟମ ହୋଇଥିଲେ।

ଭାରତୀୟ ସାହିତ୍ୟରେ ଲୈଲା- ମଜନୁ, ଆନ୍ତର୍ଜାତିକ ସାହିତ୍ୟରେ ରୋମିଓ-ଜୁଲିଏଟ୍ କାହାଣୀକୁ କାବ୍ୟଗୌରବ ରୂପ ଦେଲେ କବିବର ରାଧାନାଥ ରାୟ। ବୈଷ୍ଣବ ପାଣି ଏହାକୁ ଯାତ୍ରାଭିନୟ ରୂପ ଦେଇ ତା'ମଧ୍ୟରେ ଲଲାଟେନ୍ଦୁ କେଶରୀଙ୍କ ରାଜତ୍ୱ ସମୟରେ ସମସାମୟିକ ସମସ୍ୟା ଅତି ସୁନ୍ଦର ଭାବରେ ଖଞ୍ଜି ଦେଇଛନ୍ତି।

ରାଜା ଲଲାଟେନ୍ଦୁ କେଶରୀ ମନ୍ତ୍ରୀଙ୍କୁ ରାଜ୍ୟର ହାଲଚାଲ ପଚାରନ୍ତେ, ମନ୍ତ୍ରୀ କହୁଛନ୍ତି,

"ନିଜ ରାଜକୋଷୁ ବିଦ୍ୟା ଶାସନ ନିର୍ମାଣି
ନିଯୋଗମାନ ଖଞ୍ଜିଛି ରାଜନ
ଭାଜନ ନ ହେବ ତାକୁ କେହି,
ଯୋଗ୍ୟ ଚିକିତ୍ସକ ହେତୁ ରୋଗ ନାହିଁ ଦେଶେ
ଭୁଞ୍ଜି ମହୀ ଭୋଗୁଛନ୍ତି ପ୍ରଜାବର୍ଗ
ଖେଳୁଛନ୍ତି ଛାମୁ ଗୁଣ ଗାଇ।
ବିଦ୍ୟାଳୟ ଛାତ୍ରାବାସ ପରିଚାଳନାରେ
ନଘଟଇ କ୍ଷତି,ଜାଣ କ୍ଷିତିପତି
ବହୁଛି ଶିକ୍ଷାରୂପିଣୀ ନଈ,
କର୍ମଚାରୀଙ୍କ କର୍ମରେ ଭ୍ରମେ ତ୍ରୁଟି ଦିନେ
ନ ଦେଖିବେ ଡୋଳେ
ନ ଶୁଣିବେ ତିଳେ
ଶ୍ରୁତିବିଳେ,ବଇଷ୍ଣବ କହି।"

ଓଡ଼ିଆ ଯାତ୍ରାକୁ ଆଧୁନିକ ଯାତ୍ରାରେ ପରିଣତ କରିଥିବା ଗଣକବି ବୈଷ୍ଣବ ପାଣି ଜଣେ ଉଚ୍ଚକୋଟୀର ସାହିତ୍ୟ ସ୍ରଷ୍ଟା ଥିଲେ। 'ଅଶ୍ୱମେଧ ଯଜ୍ଞ ସୁଆଙ୍ଗ' ରେ ଉର୍ମିଳା,ସୁକ୍ରୀତା ଓ ସୀତାଙ୍କ ପ୍ରବେଶ,ଭଉଣୀମାନଙ୍କ ଉକ୍ତି ଅତ୍ୟନ୍ତ ତାତ୍ତ୍ୱିକ ଓ ମନଛୁଆଁ।

**(ସୈରିନ୍ଧ୍ରି ମୋର ସଙ୍ଗେ ଆସ-ବୃତ୍ତେ)**

"ଭଉଣୀ!ନ ପଡ଼େ କି ମନେ,କହ ଯିବ କେବେ ତପୋବନେ।
ଋଷିପତ୍ନୀ ଦେଖି ଖୁସିହେବ ବୋଲି ବୋଲୁଥିଲ ପରା ଦିନେ।ପଦ।"

'କଂସ ଦିଗବିଜୟ ସୁଆଙ୍ଗ' ରେ

"ଭାଷ ହେ ଅକ୍ରୁର ନାଶ ମୋ ସନ୍ଦେହ କି ଅସାଧ ଅଛି ମୋହର।
କହ ପୁରୋହିତ ସାରା ତପୋବନ୍ତ ତା ଗର୍ବ କରିବି ସଂହାର।ପଦ।

ଅର୍ଘା ବକା ଷଣ୍ଢ ବ୍ୟୋମା ଓ ଧେନୁକା,କେଶୀ ଶକଟା ଆବର
ରଣରଙ୍କା କୁଟ ମୁଷ୍ଟିକ ଚାଣୁର ସକଳ ପାଶେ ଖଟୁଛନ୍ତି ଆଠପ୍ରହର।୧।"

'ବୀରସେନ ଡଗର ଆସିବା ଗୀତ'ରେ କାଞ୍ଜି ମହିମା ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି।

"ଧନ୍ୟ ଧନ୍ୟ ଧନ୍ୟରେ କାଞ୍ଜି, ତୋର ଗୁଣ କିଏ ପାରିବ ଗୁଞ୍ଜି,
ଶୀତ ତୋର ମିତ ତୁ ତାହାକୁ ହିତ
ପିତ୍ତ ପଳାଇବ ରାଇଜ ତେଜି।ପଦ।
ଗୋଳେଇ ଗିଳିଲେ ଭାତରେ,ଗଡୁଥାଉ ପେଟ ଭିତରେ,
ରାଗ ଲୁଣ ଭାଗ ଅଳପ ହେଲେ ରେ ମରୁଥାଉ ତାକୁ ଆଗରୁ ଖୋଜି।୪।
କାଞ୍ଜି ତୋର ଏଡେ ଗାରିମା,
ନ ପାଇଲେ ସାବିତ୍ରୀ ଉମା,
ବଇଷ୍ଣବ କବି ଚିହ୍ନିଚି ତୋ ମଜା ଦିନ ରାତି ତୁଣ୍ଡେ ମରଇ ଭଜି।୫।"

ଥରେ ବାଦି ପାଲା ମଞ୍ଚରେ ପ୍ରତିପକ୍ଷ ଗାୟକ, ବୈଷ୍ଣବ ପାଣିଙ୍କୁ ଗୁରୁ ନଧରି ପାଲା ଗାଉଥିବା କଥା କହିବାରୁ ସେ ତାଙ୍କ ପାଳିରେ ଗାଇଲେ,

"ଗୁରୁ ବ୍ରହ୍ମା ବିଷ୍ଣୁ ଶିବରେ-ଆରେ ବାଇଆ ମନ
ତ୍ରିବୀଜ ରୂପେ ସେ ଘଟେ ଘଟେ ରହି ବୁଝୁଛନ୍ତି ହାନି ଲାଭରେ"।

ଥରେ ପାଲା ଗାଉଥିବା ବେଳେ ଦର୍ଶକ ମାନଙ୍କ ତରଫରୁ ରେଳଗାଡ଼ି ବିଷୟରେ ଗୀତ ବୋଲିବାକୁ ଫରମାସୀ ହେଲା।

ବୈଷ୍ଣବ ପାଣି ତାଙ୍କ ପାଳି ପଡ଼ିବାରୁ ଗାଇଲେ,
"ଧନ୍ୟ ଧନ୍ୟ ଫିରିଙ୍ଗି ଯୋଡ଼ି
ଶୂନ୍ୟେ ଚଳାଉଛି ରେଳଗାଡ଼ି।ଘୋଷା।
ଯୋଚା ନାହିଁ ହାତୀ ଘୋଡ଼ା ବଳଦ
କେବଳ ଅଗ୍ନିକୁ କରିଛି ସାଧ,
କଳ ମୋଡି ଦେଇ ଯେବେ ଦିଏ ତାଇ
ପବନହୁଁ ଖରେ ଯାଉଛି ଉଡି।
ଦୁଇ ପାଖେ ଦୁଇ ଟିକସ ଘର ମାପି ପକାଇଛି ଲୁହା ଜଂଜିର
ଦୁଇ ପାଖେ ତାର ଲାଗିଛି ଖବର,
ହଜାର ପହରା ଘଡିକି ଘଡି।
ଧୁଆଁ ଉଠୁଥାଇ ଯେହ୍ନେ ବଉଦ,
ପାଞ୍ଚ କୋଶକୁ ଶୁଭେ ଶବଦ
ଲାଗିଅଛି ଚକ ପଡ଼ିଛି ସଡ଼କ, ଲୁହା କଡ଼ି ପରେ ଯାଉଛି ଗଡ଼ି।
ରଙ୍କି ଦୁଃଖୀ ସବୁ ରାସ୍ତା ଛାଡିଗଲେ
ରେଳଗାଡ଼ି ଗଲେ ବିଦେଶ ଚଢି
ବଇଷ୍ଣବ ବୋଲେ ଡକାୟତ ମଲେ
କୋଶକୁ ନେଉଛି ପଇସା ଯୋଡି।"

ବୈଷ୍ଣବ ପାଣିଙ୍କର ଥରେ କଙ୍କଡା ଖାଇବାକୁ ଇଛା ହେବାରୁ ସେ କନିକା ରାଜାଙ୍କୁ ସିଧାସଳଖ ନକହି କବିତାରେ ସୂଚାଇ ଦେଲେ।

" ଦଶ ଗୋଡ଼ରେ ଯେ କରନ୍ତି ଗତି,
ପାଣିରେ ବାସ ଯାହାଙ୍କର ନିତି।
ଶିରା ନାସ୍ତି ଚିରକାଳ ଯାହାଙ୍କ,
କରତ ଧାରପରି ଚାରିପାଖ।
ପାଣି ବସିଅଛି ପାଣି ପ୍ରସାରି,
ପାଣିଫଳକୁ ବଡ଼ ଆଶାକରି।"

ବାଲିକୁଦ ଜମିଦାର ସରୋଜିନୀ ଦାସଙ୍କ ଅନୁରୋଧକ୍ରମେ ସେ ଗୋଟିଏ ଯାତ୍ରାଦଳ ଗଠନ କରିଥିଲେ ଓ ଅନେକ କବିତା ରଚନା କରି ସରୋଜିନୀଙ୍କୁ ଦେଇଥିଲେ।

କବି ସପ୍ତାହ ଭାଗବତ ମାହାତ୍ମ୍ୟରେ ନିଜର ପରିଚୟ ଦେଇ ଲେଖିଛନ୍ତି,

"

ଭକ୍ତ ତାରଣେ ଜଗନ୍ନାଥ।
ବାହାରେ ବାନ୍ଧିଅଛ ନେତ।
ମୁଁ ଯେ ଅଟଇ ନିରାଶ୍ରିତ।
ପଡ଼ିଛି ହୋଇଣ ପତିତ।
କଷ୍ଟେ ପତିତ ମରେ ଯେବେ।
ଏ ନାମ ନରହିବ ଭବେ।
ଛିଡିବ ପତିତପାବନ।
ବାନାଟି ଜଗତ ଜୀବନ।
ଏ ଦେହ ପ୍ରାଣ ତବ ପାଦେ।
ସମର୍ପି ଅଛି ଅପ୍ରମାଦେ।
ତୁମ୍ଭରି ଧନ ତୁମ୍ଭେ ରଖ।
ହେ ପ୍ରଭୁ କାଳିଆ ଶ୍ରୀମୁଖ।
ଫେଡିଣ ନୟନ ପଟକୁ।
ଅନାଅ ବିରୂପା ତଟକୁ।
ତୁମରି ସଖା ବନ୍ଧୁ ଭାଇ।
ତୁମ୍ଭ ସନ୍ତାନ ହେ ଗୋସାଇଁ।
ତୁମେ ତ ତାତ ମାତ ଗୁରୁ।
ପୁତ୍ର ଭାରିଜା ମହାମେରୁ।
ବହନ କରି ପାଣି ଆଖ୍ୟା।
ଜଠର ପୋଷେ ମାଗି ଭିକ୍ଷା।
ଉତ୍କଳେ ବଇଷ୍ଣବ ନାମ।
ଦେଇଣ ତିଳେ ନୁହ ବାମ।"

ତାଙ୍କ ରଚିତ ଗ୍ରନ୍ଥ ମାନଙ୍କ ମଧ୍ୟରେ ଉତ୍କଳଲକ୍ଷ୍ମୀ, ଦୁଃଖିନୀ ଗୋବର ଗୋଟେଇ, ଦ୍ୱାଦଶ କୁମାରୀ ଚରିତ, ଦ୍ୱାଦଶ କୁମାର ଚରିତ, ବିଂଶ କୁମାରୀ ଚରିତ, ବିଂଶ କୁମାର ଚରିତ,ସୁବଳ ମିଳନ, ପ୍ରଭାସ ଯଜ୍ଞ,ସମର ସଙ୍ଗୀତ ଆଦି ଅତ୍ୟନ୍ତ ମନୋମୁଗ୍ଧକର।

ସେ ତାଙ୍କ ଆତ୍ମଜୀବନୀରେ ପ୍ରାଥମିକ ଅବସ୍ଥାରେ ତାଙ୍କ ଯାତ୍ରା ଦଳ ବିଷୟରେ ଲେଖିଛନ୍ତି,"କେବଳ ମାତ୍ର ମୋର ଦଳଟି କଟକ, ପୁରୀ ଇତ୍ୟାଦିରେ ଶ୍ରେଷ୍ଠ ଦଳ ବୋଲାଉଥାଏ।"

ତାଙ୍କର ଚିର ଶାଶ୍ୱତ ଅମୂଲ୍ୟ ଅବଦାନ ପାଇଁ ସେ ସଦାସର୍ବଦା ସ୍ମରଣୀୟ ହୋଇ ରହିଛନ୍ତି।ଗଣ ବିନୋଦନ ପାଇଁ ଉଦ୍ଦିଷ୍ଟ ଗଣନାଟ୍ୟକୁ ସେ କେବଳ ଆଧୁନିକ କରି ନାହାନ୍ତି, ତାକୁ ଶିଳ୍ପବିଭବମଣ୍ଡିତ କରିଛନ୍ତି। ୧୯୫୬ ମସିହା ବୈଶାଖ ଅମାବାସ୍ୟା ତିଥି,ମଇ ୧୦ ତାରିଖରେ ତାଙ୍କର ପରଲୋକ ଘଟିଥିଲା।

ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଂଜଳି ଜ୍ଞାପନ କରୁଛି ।

# ସୁଜନ କଲେ ସଙ୍ଗେ ବାସ
## ପ୍ରକାଶ କୁମାର ମିଶ୍ର

ଅଗନା ଅଗନି ବନସ୍ତ ଭିତରେ ଛୋଟିଆ ଗାଆଁଟିଏ । ସେହି ଗାଆଁର ପିଲାଟିଏ ନାଆଁ ତା'ର ମଦନ । ସବୁଦିନ ସେହି ଘଞ୍ଚ ଜଙ୍ଗଲ ଭିତରେ ଗାଁଟି ଯାକର ଗାଈ ଗୋରୁ ନେଇ ଚରାଏ । ପିଲାଟିର ଚେହେରା ଦେଖିବାକୁ ଭାରି ଦୁର୍ବଳ । ଦିନକୁ ଚାରି ପାଞ୍ଚ ଥର ଖାଇଲେ ବି ତା'ର ଦେହରେ ଜମା ଲାଗେନି । ଭାରି ମନ ଦୁଃଖରେ ଥାଏ । ମଝିରେ ମଝିରେ ପାଖ ଜଙ୍ଗଲରେ ଗୋଠ ଛାଡ଼ିଦେଇ ଘରକୁ ଖାଇବାକୁ ଚାଲିଆସେ । ସଙ୍ଗେ ସଙ୍ଗେ ଘରେ ଖାଇଦେଇ ପୁଣି ଚାଲିଯାଏ ଗାଈ ଚରାଇବାକୁ ।

ଦିନେ ଏମିତି ଜଙ୍ଗଲରେ ଗାଈ ଚରାଉ ଚରାଉ ପିଲାଟିର ନଜର ପଡିଲା ଗୋଟିଏ ଲୋକ ଉପରେ । ଦେଖିବାକୁ ଭାରି ହୃଷ୍ଟପୃଷ୍ଟ । ଗୋଟିଏ ଗଛ ମୂଳରେ ଚକା ପକାଇ ବସିଥାଏ ଓ ଆଖିବୁଜି ଗୁଣୁଗୁଣୁ ହୋଇ କ'ଣ କହି ଚାଲିଥାଏ । ଗାଈଆଳ ପିଲାଟିର ସେହି ଲୋକଟିକୁ ଦେଖି କୌତୁହଳ ଜାତହେଲା । ଭାବିଲା ଲୋକଟିକୁ ଦେଖିବ ସେ କ'ଣ ଖାଉଛି । ନହେଲେ ତାକୁ ପଚାରି ବୁଝିବ । ଗୋଟିଏ ଗଛ ମୂଳରେ ଲୁଚିକି ଠିଆହେଲା । ଲୋକଟି ଆଖି ଖୋଲିଲେ ସିନା ପଚାରି ବୁଝିବ । କିନ୍ତୁ ସିଏ ତ ସେମିତି ଆଖିବୁଜି ବସିଛି । ବିଚରା ପିଲାଟି ସନ୍ଧ୍ୟା ହେବାଯାଏଁ ଜଗି ଜଗି ଗାଈ ଗୋଠ ଧରି ଗାଆଁକୁ ଫେରି ଆସିଲା ।

ପିଲାଟିକୁ ରାତିରେ ଭଲ ନିଦ ବି ହେଲାନି । ରାତିଯାକ ଭାବୁଥାଏ ସେହି ଗୋଟିଏ କଥା । ଲୋକଟି କ'ଣ ଖାଉଛି । ସକାଳ ହେଲା । ସେଦିନ ସକାଳୁ ସକାଳୁ କ'ଣ ଦିଇଟା ଖାଇଦେଇ ତରବରରେ ଗୋରୁ ନେଇ ଜଙ୍ଗଲକୁ ପଳାଇଲା । ଗୋଠ ଛାଡ଼ିଦେଇ ସିଧା ଗଲା ସେହି ଗଛ ମୂଳକୁ । ଦେଖିଲା ସେ ଲୋକଟି ଯେମିତି ବସିଥିଲା ଠିକ ସେମିତି ବସିଛି । ଭାବିଲା ଆଜି ଆଉ ଘରକୁ ଖାଇବାକୁ ନଯାଇ ଦେଖିବି ବୁଢାକୁ, ସେ କ'ଣ ଖାଉଛି । ଗୋଟାଏ ଦିନ ନଖାଇଲେ ନାହିଁ ପଛେ ଆଜି ଜଗିବି ବୁଢାକୁ । ଗତ ଦିନ ପରି ପିଲାଟି ଗଛ ମୂଳରେ ଲୁଚିକି ଏକ ଲୟରେ ବୁଢାଟିକୁ ନଜର ରଖିଥାଏ । ପୁଣି ସଞ୍ଜ ହେଲା ଏବଂ ପିଲାଟି ଗୋଠ ଧରି ଆସି ଗାଆଁରେ ଛାଡ଼ିଦେଇ ପୁଣି ଚାଲିଗଲା ଜଙ୍ଗଲକୁ । ସେମିତି ଗଛ ମୂଳରେ ଠିଆ ହୋଇ ଲୋକଟିକୁ ଏକ ଲୟରେ ଦେଖୁଥାଏ । ଅନ୍ଧାର ମାଡ଼ି ଆସିଲା ତଥାପି ସେ ଆଉ ଘରକୁ ଫେରିଲାନି । ଦୂରରେ ଠିଆହେଲେ ବି ଲୋକଟି ସ୍ପଷ୍ଟ ଦେଖା ଗଲାନି । ପାଦ ଚିପିଚିପି ଧୀରେ ଧୀରେ ତା ପାଖକୁ ଗଲା ।

ରାତି ସେମିତି ଅନିଦ୍ରାରେ ପାହିଗଲା । ଦେଖିଲା ଭଲକରି ଲୋକଟିକୁ । ମନେ ମନେ ଭାବିଲା ବୁଢାଟି ନଖାଇ ନ ପିଇ ଯଦି ଏମିତି ହୃଷ୍ଟପୃଷ୍ଟ ହୋଇଛି ତେବେ ମୁଁ କଣ ପାଇଁ ଏତେ ପରିଶ୍ରମ କରିବି ଓ ଦିନକୁ ଚାରି ପାଞ୍ଚ ଥର ଖାଇବି । ବୁଢା ଯାହା କରୁଛି ମୁଁ ବି ସେଇଆ କରିବି ।

ବୁଢା ସେମିତି ଆଖିବୁଜି ବସିଥାଏ । ପିଲାଟି ତାର ପାଖକୁ ଯାଇ ଭଲକରି ଦେଖିଲା । ବୁଢାଟି ବେକରେ ଦୁଇଟି ମାଳି ପକାଇଥାଏ । ଭାବିଲା ଏବେ ଏମିତି ମାଳି କୁଆଡୁ ଆଣିବ । ଜଙ୍ଗଲକୁ ଯାଇ ଡ଼ିମିରି ଫଳ ତୋଳିଲା ଓ ତାକୁ ଗୋଟେ ଲତାର ଡୋର କାଢି ସେଥିରେ ଗୁନ୍ଥିଲା । ଆଉ ଗୋଟେ ମାଳି କିପରି କରିବ ଭାବି ଭାବି ସେ ମାଟିରେ ଗୋଲି ତିଆରିଲା ଓ ତାକୁ ଗୁନ୍ଥି ବେକରେ ପକାଇ ବୁଢ଼ା ପାଖରେ ଆସି ବସିପଡ଼ିଲା । କାନ ଡ଼େରି ଶୁଣିଲା ବୁଢା ଗୁଣୁଗୁଣୁ ହୋଇ କ'ଣ କହୁଛି । ବୁଢାଟି କହୁଥାଏ, "ଓଁ ନମୋ ଭଗବତେ ବାସୁଦେବାୟ " । ପିଲାଟି କହିବାକୁ ଚେଷ୍ଟା କଲେ ବି ସ୍ପଷ୍ଟ ଉଚ୍ଚାରଣ କରିପାରିଲାନି । କଣ କରିବ ଭାବି ଭାବି ଶେଷରେ କହିଲା, "ବୁଢା ଯାହାହୁ ଡାକୁଚି ମୁଁ ବି ତା'କୁ ଡାକୁଚି" । ବୁଢା ଯାହା କହୁଚି, ମୁଁ ବି ସେଇଆ କହୁଚି" ।

ଏମିତି ପିଲାଟିର ମନ୍ତ୍ର ଉଚ୍ଚାରଣ ଚାଲିଥାଏ ଏକମନ ଧ୍ୟାନରେ । ଆଖି ବନ୍ଦ କରି ଜପ ଚାଲିଥାଏ । ଭୋକ ଶୋଷ ସବୁ ଭୁଲିଗଲା । ଲକ୍ଷ ତାର କେବଳ ବୁଢାକୁ ଅନୁକରଣ ଓ ଅନୁସରଣ କରି ବୁଢାପରି ହୃଷ୍ଟପୃଷ୍ଟ ଚେହେରା କେମିତି ହେବ । ଦିନ ଯାଇ ରାତି ଓ ରାତି ଯାଇ ଦିନ କେତେବେଳେ ହେଲା ତାର ଆଉ ନିଘା ନାହିଁ । ଦିନ ଦିନ ହୋଇ ଏମିତି କେତେ ଦିନ ଆଉ ମାସ ପରେ ବର୍ଷ ବି ବିତିଗଲା । ବୁଢ଼ା ବସିଥାଏ ଧ୍ୟାନରେ ଆଉ ପିଲାଟି ସେମିତି ତା ପାଖରେ ବି ସେମିତି ଧ୍ୟାନରତ ।

ଭକ୍ତ ପାଇଁ ଭଗବାନ ପାଗଳ । ଦିନେ  ପ୍ରଭୁ ନାରାୟଣ ଲକ୍ଷ୍ମୀଙ୍କୁ କହିଲେ ପ୍ରିୟେ ! ମୁଁ ଆଜି ଟିକିଏ ମର୍ତ୍ତ୍ୟପୁରକୁ ଗମନ କରିବି । ଜଣେ ଭକ୍ତଙ୍କୁ ଦର୍ଶନ ଦେବି । ବିଚରା ବହୁତ କଷ୍ଟ ସହି ମୋତେ ଡାକୁଛନ୍ତି । ଲକ୍ଷ୍ମୀ ସେକଥା ଶୁଣି କହିଲେ ପ୍ରଭୁ ! ଆପଣ ଏକୁଟିଆ ଯିବେ? ମୋତେ ସାଙ୍ଗରେ ନେଲେ ମୁଁ ବି ଟିକିଏ ସେ ଭକ୍ତଙ୍କୁ ଦର୍ଶନ କରିବାର ସୌଭାଗ୍ୟ ମିଳନ୍ତା । ନାରାୟଣ କହିଲେ ହେଉ ତାହେଲେ ଚାଲ ।

ଦୁହେଁ ସଙ୍ଗେ ସଙ୍ଗେ ବାହାରି ପଡିଲେ ଏବଂ ଜଙ୍ଗଲରେ ସେହି ବୃକ୍ଷ ନିକଟରେ ବୃଦ୍ଧ ଲୋକଟିର ପାଖରେ ଉଭାହେଲେ । ସ୍ୱୟଂ ନାରାୟଣ କହିଲେ ଆଖି ଖୋଲ ଭକ୍ତ । ତୁମ୍ଭ ତପସ୍ୟାରେ ମୁଁ ପ୍ରୀତ । ମାଗ କି ବର ମାଗୁଛ ମାଗ ଅବିଳମ୍ବେ । ଅବଶ୍ୟ ପୂରଣ କରିବି ।

. ବୃଦ୍ଧ ଲୋକଟି ଆଖି ଖୋଲି ଦେଖିଲା ସ୍ୱୟଂ ଲକ୍ଷ୍ମୀ ନାରାୟଣ ସମ୍ମୁଖରେ ଦଣ୍ଡାୟମାନ । ସାଷ୍ଟାଙ୍ଗ ପ୍ରଣିପାତ କରି କହିଲା, ପ୍ରଭୁ କେବଳ ତୁମ୍ଭର ଦର୍ଶନ ଲାଳସା ଥିଲା । ଏହି ପାପ ପଙ୍କରୁ ଉଦ୍ଧାର କରି ମୋତେ ସ୍ୱର୍ଗରେ ସ୍ଥାନ ଦିଅ ପ୍ରଭୁ ବାସୁଦେବ । ଆଉ କିଛି ଲୋଡେନାହିଁ ଚିତ୍ତ ।

ପ୍ରଭୁ ତଥାସ୍ତୁ କହିଦେବା ମାତ୍ରେ ବୃଦ୍ଧ ଅନ୍ତର୍ଦ୍ଧ୍ୟାନ ହୋଇଗଲେ ।
ନାରାୟଣ କହିଲେ, ପ୍ରିୟେ ! ଏଥର ପ୍ରତ୍ୟାବର୍ତ୍ତନ କରିବା.?
. ଲକ୍ଷ୍ମୀ କହିଲେ, ପ୍ରାଣ ନାଥ !
ପାଖରେ  ଶିଶୁ ପୁତ୍ରଟିଏ ବି ତ, ତାପସ୍ୟାରତ । ତାକୁ ଟିକେ କର ଦୃଷ୍ଟିପାତ ।

. ସ୍ମିତହାସ୍ୟ ଦେଇ କହିଲେ ନାରାୟଣ । ପ୍ରିୟେ ଶିଶୁଟି କଅଣ କହୁଛି ଏବଂ କାହାକୁ ଡାକୁଛି ଟିକିଏ ତ ଶୁଣ ।

ଲକ୍ଷ୍ମୀ ତତକ୍ଷଣେ ଶିଶୁଟି ପାଖକୁ ଯାଇ ପଚାରିଲେ ।
କଅଣ କହୁଛ?
ପିଲାଟି ସେମିତି କହିଚାଲିଥାଏ, " ବୁଢ଼ା ଯାହା କହୁଛି ମୁଁ ସେଇଆ କହୁଛି" ।

ଲକ୍ଷ୍ମୀ ପୁଣି ପଚାରିଲେ, କାହାକୁ ଡାକୁଛ?
ପିଲାଟି କହିଲା," ବୁଢ଼ା ଯାହାକୁ ଡାକୁଛି, ମୁଁ ବି ତାକୁ ଡାକୁଛି" ।

ସେହି ଗୋଟିଏ ପ୍ରଶ୍ନ ବାରମ୍ବାର ପଚାରି ଚାଲିଥାନ୍ତି ଲକ୍ଷ୍ମୀ ଏବଂ ପିଲାଟି ସେମିତି ଉତ୍ତର ଦେଇ ଚାଲିଥାଏ ଅବଚେତନ ମନରେ ।
ଲକ୍ଷ୍ମୀ ନାରାୟଣଙ୍କୁ ଡ଼ାକି କହିଲେ ପ୍ରଭୁ ଆପଣ ନିଜେ ଶୁଣନ୍ତୁ । ପିଲାଟି କେବଳ ଆପଣଙ୍କୁ ହିଁ ଡାକୁଛି ।
ନାରାୟଣ ପାଖକୁ ଆସିଲେ ଏବଂ ପିଲାଟିକୁ ଲକ୍ଷ୍ମୀ ପଚାରିଲେ, ବାବୁରେ କାହାକୁ ଡାକୁଛ?
ପିଲାଟି ସେମିତି ଆଖି ବୁଜି ଉତ୍ତର ଦେଲା, " ତୋ ଘଇତାକୁ " ॥
ଲକ୍ଷ୍ମୀ ହସିଦେଇ କହିଲେ, ପ୍ରଭୁ ! ଆପଣ ତ ଅନ୍ତର୍ଯ୍ୟାମୀ । ମୁଁ ଆଉ କ'ଣ କହିବି । ଆପଣ ତ ମୋର ସ୍ୱାମୀ, ମୋର ଘଇତା । କଅଁଳ ଶିଶୁଟି ନିର୍ବୋଧ । ଆଉ କଅଣ ବା କହିଥାନ୍ତା ସେ । ତାର ମନବାଞ୍ଛା ପୂର୍ଣ୍ଣକରି ତାକୁ ବି ସ୍ୱର୍ଗରେ ସ୍ଥାନ ଦିଅ ପ୍ରଭୁ ।
ନାରାୟଣ କହିଲେ ହେଉ ପ୍ରିୟେ ! ତୁମ୍ଭ କଥା ଅନ୍ୟଥା କରିବାକୁ ମୋର କଣ ଶକ୍ତି ଅଛି । ତୁମ୍ଭେ ଯାହା ଚାହୁଁଛ ସେଇଆ ହେଉ ।
. ଉଠ ବତ୍ସ । ସୁନ୍ଦର ବଳିଷ୍ଠ ଶରୀର ଧରି ସ୍ୱର୍ଗପୁରକୁ ଗମନ କର ।

. ନିର୍ବୋଧ ଶିଶୁଟି ଜଣେ ଜ୍ଞାନୀ ଗୁଣୀ ଲୋକର ସଂସ୍ପର୍ଶରେ ଆସି ତାଙ୍କୁ ଅନୁସରଣ କରି ସ୍ୱର୍ଗାରୋହଣ କରିବାରେ ସଫଳ ହେଲା । ତେଣୁ ସଂସାରରେ ସଜ୍ଜନ ସଙ୍ଗେ ବାସ କଲେ ଜ୍ଞାନୋଦୟ ହୋଇ ସଦଜ୍ଞାନ ଉପୁର୍ଣ୍ଣ ହୁଏ ଓ ଅଜ୍ଞାନ ତିମିର ନାଶ ହୁଏ ॥

"ସୁଜନ ସଙ୍ଗେ କଲେ ବାସ
ଅଜ୍ଞାନ ତିମିର ହୁଏ ନାଶ ।
ଦୁର୍ଜନ ସଙ୍ଗେ କଲେ ବାସ
ନିଶ୍ଚେ ଘଟିବ ସର୍ବନାଶ  " ॥

# ପ୍ରଥମ ଚିଠି

## ରଞ୍ଜିତା ପତି

ପୁରା ଘରଟା ଶୂନ୍ ଶାନ ଲାଗୁଥିଲା । ଅପାର ରୁମ୍ଟା ଅନ୍ଧାର ଥିଲା । ଲାଇଟ୍ ଲଗାଇବାକୁ ଇଛା ହିଁ ନଥିଲା ଶ୍ରୀୟା ର ଯେଉଁଠି ଅପା ଆଉ କେବେ ବି ଆସିବନି ,ସେଠି ଲାଇଟ୍ର ଆବଶ୍ୟକତା ବା କ'ଣ ଯେ ? ତା ଛଡା ଅପା ବିନା ସେ କ'ଣ ରହିପାରିବଏ ଘରେ, ଏ ସହରରେ! ତାର ବଦଳି ଅର୍ଡର ବି ଆସିଯାଇଛି, ଯିବାକୁ ହେବ ।

ଆଜିକୁ ଚଉଦ ଦିନ ହୋଇଗଲା ଅପା ଚାଲିଯିବାର ।
ଆସିଥିବା ସମସ୍ତ ବନ୍ଧୁବାନ୍ଧବ ମଧ ଚାଲିଗଲେ,,, ଏବେ ପୁରା ଏକୁଟିଆ ଲାଗୁଛି । ବାବା ମାମାଙ୍କ ଆକ୍ସିଡେଣ୍ଟ ରେ ମୃତ୍ୟୁ ପରେ ଅପା ହିଁ ଏକମାତ୍ର ଭରସା ଥିଲା ,, ଆଜି ସେ ବି ଏକା କରି ଚାଲିଗଲା । ଯାଉ କେତେ ଆଉ ଦୁଃଖରେ ଘାଣ୍ଟି ହୋଇଥାନ୍ତା । ଗଲା ବେଳେ ତାର ପ୍ରଥମ ଚିଠିର ଶେଷ ଇଛାଟି ଯେ ପୂରଣ ହୋଇପାରିଲା,, ସେଥିପାଇଁ ଶ୍ରେୟାଂଶଙ୍କୁ ହୃଦୟରୁ ଅନେକ ଧନ୍ୟବାଦ ଜଣାଉଥିଲା ଶ୍ରୀୟା ।

ଏମିତି ପୁରୁଷ କମ୍ ଥାଆନ୍ତି
ଅପ୍ରାପ୍ତିର ଦହନରେ ବି ପ୍ରାପ୍ତିତ୍ୱ ଖୋଜନ୍ତି ସେମାନେ ।
ଆକସିଡେଣ୍ଟରେ ଅପା ବଞ୍ଚିଯାଇଥିଲା ସତ ହେଲେ ଗୋଡ ଦୁଇଟା ପାରାଲାଇଜ୍ ହୋଇଯାଇଥିଲା ।
ସବୁଦିନ ଠାକୁରଙ୍କୁ, ତାକୁ ନେଇଯିବା ପାଇଁ ପ୍ରାର୍ଥନା କରୁଥିଲା ।
କିନ୍ତୁ ସେ ଯେ ଶ୍ରୀୟା ପାଇଁ ବଞ୍ଚିବାର ଏକମାତ୍ର ସାହାରା ଥିଲା,ସେ କଥା ସେ ବୁଝି ବି ବୁଝୁ ନଥିଲା । ଶ୍ରୀୟାର ସକାଳ ଆରମ୍ଭ ହେଉଥିଲା ଅପାର ନିତ୍ୟକର୍ମ ଠାରୁ,,,,ଶେଷ ହେଉଥିଲା ରାତିରେ ଅପା ସହ ଡିନର ଖାଇବା ପରେ । ଅନେକ କଷ୍ଟ ଭିତରେ ବି ସେ ଶ୍ରୀୟାକୁ ଦେଖିଲା ମାତ୍ରେ ହସୁଥିଲା ନିଜ କଷ୍ଟକୁ ଚାପି ରଖି ।

ଯେଉଁ ଦିନ ଶ୍ରେୟାଂଶକୁ ତାଙ୍କ ଘରେ ଦେଖିଲା,ତାଆଖିରେ ଏକ ଚମକ ଦେଖିଥିଲା ଶ୍ରୀୟା କିନ୍ତୁ କିଛି ସମୟ ପାଇଁ ।

ଶ୍ରେୟାଂଶ ଥରେ ବି ଅପାକୁ ଚାହୁଁ ନ ଥିଲେ ।
କିଛି ସମୟ ପରେ ଅପା ବି ହୁଇଲ୍ ଚେୟାରରେ ଅନ୍ୟ ରୁମ୍ କୁ ଚାଲିଯାଇଥିଲା ।

ଶ୍ରୀୟାର ମନେଅଛି କଲେଜ୍ ରେ ସେ ଓ ଅପା ଦୁଇ ଭଉଣୀ ତଳ ଉପର କ୍ଲାସ୍ ରେ ପଢୁଥିଲେ ,ଅପା ଖୁବ୍ ସୁନ୍ଦର ଗୀତ ଗାଉଥିଲା ।
ଦେଖିବାକୁ ଅପା ଶ୍ରୀୟା ଠାରୁ ସୁନ୍ଦର ଥିଲା । କିନ୍ତୁ ଅପା କାହାକୁ ଭଲପାଇବା କଥା ସେ ଜମା ଜାଣିପାରି ନଥିଲା ।
ଆକସିଡେଣ୍ଟ ପରେ ଅପା ଆଉ କଲେଜ୍ ଗଲାନି ସତ,, କିନ୍ତୁ ସବୁଦିନ ଶ୍ରୀୟାକୁ ପଚାରେ କଲେଜ କଥା । ବିଭିନ୍ନ ପ୍ରତିଯୋଗିତାର ଭିଡ଼ିଓ ବନେଇ ଅପାକୁ ଦେଖାଏ ଶ୍ରୀୟା ।
ଥରେ କଲେଜ୍ ଡ୍ରାମାରେ ଶ୍ରେୟାଂଶ ଓ ଶ୍ରୀୟାର ଭିଡିଓ ଦେଖି ଅପା କାନ୍ଦ କାନ୍ଦ ହୋଇଯାଇଥିଲା । ପଚାରିବାରୁ କହିଥିଲା ବହୁତ ଭଲ ଲାଗିଲା ତ ତୁମ ଦୁହିଁଙ୍କ ଅଭିନୟ ମୋ ଆଖିରେ ଲୁହ ଆସିଗଲା ।
କଥାଟା ବି ହାଲୁକା ନେଇଯାଇଥିଲା ଶ୍ରୀୟା ।

ପାଠପଢ଼ା ସାରି ଚାକିରୀ ପାଇଲା ପରେ ବାହା ହେବାପାଇଁ ବାଧ କଲା ଅପା କିନ୍ତୁ ଅପାର ଦେଖାଶୁଣା ପାଇଁ ଶ୍ରୀୟା ମନାକରି ଦେଇଥିଲା ।
ଶ୍ରେୟାଂଶ ବି ବାହାଘର ନେଇ ବ୍ୟସ୍ତ ହୋଇ ପଡୁଥିଲେ ନିଜ ଘର ଲୋକଙ୍କ ଚାପରେ । କିନ୍ତୁ ଦିନ ଗଡ଼ାଇ ଚାଲିଥିଲା ଶ୍ରୀୟା ।

ଦିନେ ଅପା ଦେହ ବହୁତ ଖରାପ ହେବାକୁ ଲାଗିଲା । ଡାକ୍ତର ମେଡିକାଲ୍ ରେ ସିଫ୍ଟ କରିବା ପାଇଁ କହିଲେ ।
ବାଧ ହୋଇ ଅପା ଆ.ସି.ୟୁ ରେ ଆଡମିଟ୍ ହେଲା । ବହୁତ ସିରିୟସ୍ ଥିଲା ଅପା ର ଦେହ ।

ସ୍କୁଲ ରୁ ଫେରି ଖୁବ୍ ଏକା ଲାଗୁଥାଏ ଶ୍ରୀୟାକୁ ।
ଭିଜିଟିଂ ଆୱାର ସାତଟାରେ ଥାଏ । କଣଟିକେ ଖାଇ ନେଇ ସମୟକୁ ଅପେକ୍ଷା କରିବା ଛଡ଼ା ଅନ୍ୟ ଉପାୟ ନ ଥିଲା ତାର।
କାହିଁକି କେଜାଣି ଅପାର ରୁମ୍ ରେ ଥିବା ଖଟରେ ଟିକେ ଶୋଇବାକୁ ଇଛା ହେଲା ଶ୍ରୀୟା ର ।
ଅପା କେବେ ବି ତା ସହିତ ଶୋଇବାକୁ ଦିଏନି ।
ତା ରୁମ୍ ରେ ଏକା ଶୁଏ ।
ପ୍ରଥମେ ତା ପାଖରେ ହିଁ ଶୋଉଥିଲା ଶ୍ରୀୟା କିନ୍ତୁ ଚାକିରି କରିବା ପରେ ତା ପାଖେ ଶୋଇବାକୁ ପୁରାପୁରି ମନା କରେ ଅପା । କଷ୍ଟ ଲାଗିଲେ ବି ଅପା ମନରେ କଷ୍ଟ ନ ଦେବାକୁ ତା ରୁମ୍ କୁ ଚାଲିଆସେ ଶ୍ରୀୟା । ତା ପାଖରେ ତାର ଆବଶ୍ୟକୀୟ ସବୁ ଜିନିଷ ରଖିଥିଲେ ବି ରାତିରେ ଉଠି ପୁଣି ଦେଖିଆସେ ଅପାର ଅଜାଣତରେ ।
ଗୁଡ଼ାଏ ସୁନ୍ଦର ଚିତ୍ର ଆଙ୍କି ଥିଲା ଅପା ।
ଆଖିପୁରାଇ ଦେଖୁଥିଲା ଶ୍ରୀୟା ଚିତ୍ର ସବୁ । ଅପା ଚିତ୍ର ବି ଆଙ୍କି ଜାଣିଛି !!!
ହେ ଭଗବାନ କାହିଁକି ଅପାକୁ ଏତେ କଷ୍ଟ ଦେଲ!!!
କ'ଣ ସେ ଦୋଷ କରିଥିଲା !!!
ଚିତ୍ର ଗୁଡ଼ିକ ତଳେ ସୁନ୍ଦର ଅକ୍ଷରରେ ଲେଖା ଚିଠିଟିଏ ଥିଲା ।

ଶ୍ରେୟାଂଶ,,,
ମୁଁ ତୁମକୁ ଖୁବ୍ ଭଲପାଏ,,, କିନ୍ତୁ ତୁମକୁ କିଛି କହିବା ପୂର୍ବରୁ ଭଗବାନ ମୋତେ ଏଭଳି ପରିସ୍ଥିତିରେ ପକାଇ ଦେଲେ ଯେ, କହିବାର ସାହସ ହରାଇ ବସିଲି । କଲେଜ ଡ୍ରାମାରେ ମୁଁ ଗୀତ ଗାଉଥିଲି ଆଉ ତୁମେ ବି,
ସେଇଦିନ ଠାରୁ ମନେ ମନେ ତୁମକୁ ଭଲପାଇ ବସିଥିଲି,,,, କିନ୍ତୁ ଆକସିଡେଣ୍ଟ ପରେ ମୋର ଏ ଅବସ୍ଥା ।
ମୋ ଭଉଣୀ ଶ୍ରୀୟା ସହ ତୁମକୁ ଦେଖିଲେ ଖୁସି ଲାଗେ,,ଈର୍ଷା ବି ହୁଏ । କିନ୍ତୁ ତୁମ ମାନଙ୍କ ଦୋଷ କ'ଣ,, ମୁଁ ତ ଅଥର୍ବଟିଏ । ମତେ ବା କାହିଁକି କିଏ ଭଲ ପାଇବ।
ବହୁତ ଇଛା ହୁଏ ତୁମକୁ ଚିଠିଟିଏ ଲେଖି ଦେବା ପାଇଁ କିନ୍ତୁ ଭୟ ହୁଏ। ସେଥିପାଇଁ ତ ଶ୍ରୀୟା କୁ ମୁଁ ମନା କରେ ମୋ ରୁମ୍ କୁ ସେୟାର କରିବା ପାଇଁ ।
ଅଭିଶପ୍ତ ଏ ଜୀବନ ମୋର ଖୁବ୍ ଅଲୋଡା।। ତଥାପି ଇଛା ହୁଏ ତୁମ ହାତରେ ସିନ୍ଦୂର ଟୋପାଏ ପିନ୍ଧି ମରିବା ପାଇଁ,,,,
କିନ୍ତୁ ମୁଁ ଜାଣେ ଏଇ ଇଛା ମୋର ମୋ ସହ ଜଳନ୍ତା ଜୁଇ ରେ ଦିନେ ନିଃଶେଷ ହୋଇଯିବ ।
ଚିଠି

ପଢା ସରିଲା ବେଳକୁ ଶ୍ରୀୟାର ଆଖି ଲୁହ ଓ ଛାତି କୋହରେ
ଆକ୍ତାମାକ୍ତା ଅବସ୍ଥା ।
ଫୋନ୍ କଲ୍ ପାଇ ସଙ୍ଗେ ସଙ୍ଗେ ପହଞ୍ଚିଲେ ଶ୍ରେୟାଂଶ ।
କିଛି ପଚାରିବା ଆଗରୁ ଚିଠି ଟି  ବଢାଇ ଦେଇଥିଲା ଶ୍ରୀୟା।

ସତ କହୁଛି ଶ୍ରୀୟା ,ସେ ମୋ ସହ ପଢୁଥିଲେ ସତ କିନ୍ତୁ ମୁଁ କେବେ
ତାଙ୍କୁ ସେ ଦୃଷ୍ଟିରେ ଦେଖିନି ।

ଅତି ଆବେଗରେ ପଚାରିଲା ଶ୍ରୀୟା, ଖୁବ୍ ଭଲପାଅ ନା ମତେ,
ରଖିବ ଅନୁରୋଧଟିଏ!!!
ଦେଇପାରିବ ଅପା ମୁଣ୍ଡରେ ସିନ୍ଦୂର ଟୋପାଏ ।
ତା ଜୀବନ ସାର୍ଥକ କରିପାରିବ । ମାତ୍ର ଦୁଇ ଦିନ ଅତିଥି ସେ।

ଯନ୍ତ୍ରଚାଳିତ ପରି ଶ୍ରେୟାଂଶ ତାର କଥା ରଖିଥିଲେ ,ଅପାର ନିର୍ବେଦ
ମଥାରେ ସିନ୍ଦୂର ଦେବାସହ ମୁଖାଗ୍ନି ବି ଦେଇଥିଲେ ।

ନିର୍ବାକ୍ ହୋଇଯାଇଥିଲା ଶ୍ରୀୟା,,,,,

ଜିନିଷ ପତ୍ର ଲୋଡିଂ ସରିଯାଇଥିଲା । ସାଇତି ରଖିଥିବା ଅପାର
ସେଇ ପ୍ରଥମ ଚିଠିକୁ  ମୁଖାଗ୍ନି ଦେଇ କାର ରେ ବସି ସାରିଥିଲା ଶ୍ରୀୟା
ବଦଳି ଅର୍ଡର ଆସିଥିବା ,ନୂତନ କର୍ମକ୍ଷେତ୍ର  ଅଭିମୁଖେ ।

ଗଞ୍ଜାମ

# ଇଟିଲି ସମ୍ବାର

# ବାସ୍ତବ କଥାକାର ଡ଼. ନିର୍ମଳ ନାୟକ

ଶୀର୍ଷକ ଏକ ପ୍ରସିଦ୍ଧ ଦକ୍ଷିଣଭାରତୀୟ ସ୍ୱଳ୍ପହାର !! ଜଳଖିଆ ରୂପେ ସାରା ଦେଶ ରେ ପ୍ରଚଳିତ !! ବହୁଦିନ ପରେ ମନ କରୁଥିଲି ଏକ ମଧ୍ୟମ ଧରଣ ର ରେସ୍ତୋରାଣ୍ଟ ରେ ଜଳଖିଆ କରିବାକୁ !! ସ୍ୱଳ୍ପ ସମ୍ବଳ ଯୋଗୁଁ ଭଲ ଭାବରେ ଜଳଖିଆ ବି ଢଙ୍ଗରେ କରି ହୁଏନି!! ପରନ୍ତୁ ମନ ଅମାନିଆ, ବୁଝୁଛି କୋଉଠୁଁ !! ଦର ଫଳକ (ମେନୁ ) ଲେଉଟେଉ ଥିଲି !! ଇଚ୍ଛା ଥିଲା ଭଲଭାବେ ଜଳଖିଆ କରିବି !! ପର ମୁହୂର୍ତ୍ତ ପୁଣି ଭାବୁଥିଲି ଏତେ ମହଙ୍ଗା !!ସେଥିରେ ମଧ୍ୟମବର୍ଗୀୟ ଚିନ୍ତାଧାରା ଏତେ ପଇସା ଚାଲିଯିବ , ହୁଏତ ରାସ୍ତା କଡରେ ଶସ୍ତା ହୋଇପାରେ !! ହେଲେ ଏଠାକାର ତିଆରି ସେଠିକା ମଧ୍ୟରେ ଆକାଶ ପାତାଳ ପ୍ରଭେଦ, କେତେ କଣ ଭାବିଚାଲିଥାଏ, ଭାଉ ଫଳକ ର ସର୍ବ ନିମ୍ନ ଦର ପ୍ରତି ଧ୍ୟାନ ଆକର୍ଷିତ ହେଉଥିଲା, ଇଟିଲି ସମ୍ବାର ମାତ୍ର ଅର୍ଦ୍ଧଶତ ଟଙ୍କା ରେ !!

ମନ ବାର ବାର ପ୍ରଶ୍ନ କରୁଥାଏ ଆରେ ପଚାଶ ଟଙ୍କା ଜଳଖିଆ ରେ ଉଡେଇ ଦେବୁ !! ପର ମୁହୂର୍ତ୍ତ ରେ ଭାବୁଥିଲି ଉଠି ଚାଲିଯିବିକି ? ସେତେବେଳେ ଯାଏ ବେହେରା (ୱେଟର ) ଆସି ଅର୍ଡର ନେବାପାଇଁ ପାଖରେ ଦଣ୍ଡାୟମାନ !! ସାର କଣ ନେବେ!! କିଛି ବାଟ ନ ପାଇଁ କହିଲି ଇଟିଲି ସମ୍ବାର ଦିଅନ୍ତୁ !! କିଛି ସମୟ ଲାଗିଲା ଅର୍ଡର ଆଣିବାକୁ !! ଇତି ମଧ୍ୟରେ ମୁଁ ଭାବିଚାଲିଥାଏ ଜଳଖିଆ ପଚାଶେ, ଡବା ସତୁରି, ଗାଡ଼ି ଭଡା ଶହ

ଷାଠିଏ, ଲଜ ଦୁଇଶହ,ଆଉ ବଞ୍ଚିଲା କେତେ?

ସକାଳେ ପାଞ୍ଚଶହ ନୋଟ ବାହାର କରିଥିଲି ବ୍ୟାଗ ରୁ ? ଇତି ମଧ୍ୟରେ ଜଳଖିଆ ଆସିଯାଇଛି ବହଳିଆ ସମ୍ବାର, ନଡ଼ିଆ ଚଟଣି ସ୍ୱାଦିଷ୍ଟ ଥିଲା !! ଦୁଇଥର ସମ୍ବାର ଓ ଚଟଣି ମଗେଇଲି, ଆରେ ପଚାଶ ଟଙ୍କା ଦେବି ଟି!! ମନ ମଧ୍ୟରେ ହିସାବ ଗୋଳେଇ ଘାଣ୍ଟି ହେଉଥାଏ !! ବଜାର ମାନ୍ଦା ଧନ୍ଦା ଘରେ ଶୂନ!! ଖାଇବା ପିଇବାକୁ ଇଚ୍ଛା ହେଉ ନ ଥାଏ, ପରନ୍ତୁ ଖାଲି ପେଟରେ କାମ ତ କରି ହେବନି , କିଛିଟା ଉଦରସ୍ତ କରିବାକୁ ପଡିବ, ସକାଳୁ ସକାଳୁ ଦୁଇଟା ଷ୍ଟକିଷ୍ଟ ଙ୍କ ପାଖରୁ ଖାଲିହାତ ରେ ଲେଉଟିବାକୁ ପଡିଲା, ନା ଅର୍ଡର, ନା ପେମେଣ୍ଟ !! ଧନ୍ଦା ମାନ୍ଦା, କଣ କରିବା, ମାଲିକ କୁ ଉତ୍ତର ଦେବାକୁ ପଡିବ, ସିଏ ସବୁ ବୁଝିକି ବି ଅବୁଝା ? ତାଙ୍କୁ ଦରକାର କାମ!! ବଜାର ର ଅବସ୍ଥା ଯାହାବି ଥାଉ ନା କାହିଁକି ? ସେ କୌଣସି କଥା ଶୁଣିବାକୁ ପ୍ରସ୍ତୁତ ନୁହଁନ୍ତି !! ତାଙ୍କୁ ଫଳାଫଳ ଦରକାର !!ସିଏବି ସକାରାତ୍ମକ !!

ଭାବୁ

ଭାବୁ ଇଟିଲି ସରିଗଲାଣି !! ଚାହା ମଗେଇବି କି ନାହିଁ ଭାବୁଥିଲି !! ଭାଉ ଦେଖି କାଠ !! ଥାଉ ନ ହେଲେ ନାହିଁ !! ଚଳିଯିବ ଦେଖିବା ପରେ , ଭାବି ଭାବି ରେଷ୍ଟୁରାଣ୍ଟ ରୁ ବାହାରକୁ ବାହାରିଲି !! ଆମ ମଧ୍ୟମବର୍ଗୀୟ ଙ୍କ ଚିନ୍ତାଧାରା ସତରେ ନିରଳା, ସଦାବେଳେ ଅନେଶ୍ୱତ ର ମାୟା ରେ ବାଇଆ !! ତାକୁ ଶହେ କରିବାକୁ ଯାଇ ବର୍ତ୍ତମାନ କୁ ଜଳାଞ୍ଜଳି ଦେଇଥାନ୍ତି, ଘାସ କୁ ମୋଟ ଓ ଗଛ କୁ ଛୋଟ ପରି ଜୀବନ କୁ ନେଇ ସଂସାର ରେ ସଂଘର୍ଷ କରି ଚାଲିଥାନ୍ତି !! ଏମାନଙ୍କ ସଂଘର୍ଷ ଯାଇ ମଶାଣି ଭୂଇଁ ରେ ପୂର୍ଣ୍ଣଚ୍ଛେଦ ଆଙ୍କିଥାଏ !! ଗୋଟିଏ ଛୋଟିଆ ଜଳଖିଆ ଦୋକାନ ରୁ ଜୀବନ ଦର୍ଶନ ର ଚର୍ଚ୍ଚା ର ଏମିତି ଶୁଭାରମ୍ଭ ହେବ

ମୁଁ

କଳ୍ପନା କରିନଥିଲି କେବେ !! ଆମେ ମଧ୍ୟମବର୍ଗୀୟ ଙ୍କ ଚିନ୍ତାଧାରା ସଦା ମାପିଚୁପି ରହିଥାଏ, ଇଚ୍ଛା କୁ ମାରି ଜୀଇବକୁ ଚେଷ୍ଟା କରନ୍ତି , ମିଠାଇ ଦୋକାନ ରେ ନାନା ପ୍ରକାର ସୁସଜିତ ମିଠାଇ ବରଫି, ପେଡା, ରସଗୋଲା, ଚମଚମ, ରାସମଲ୍ଲାଇ, ଅନେକ ଦୃଷ୍ଟି ଆକର୍ଷଣ କରିଥିଲେବି, ପକେଟ ର ଅବସ୍ଥା କେବେ ଅନୁମତି ଦିଏନି, ଚିନ୍ତା କରେ କିଛି ପଇସା ବଞ୍ଚିଯିବି, କାଲିର କାମରେ ଲାଗିବ, ମନ କୁ ମାରି ରାସ୍ତା କଡ଼ରୁ ଦଶ ଟଙ୍କା ରେ ଜିଲ୍ଲାବି ନେଇ ସେଥିରୁ ପେଡା, ବରଫି ର ସ୍ୱାଦ ଖୋଜୁଥାଏ !!

ଏଇତ ଜୀବନ, ଫଳ ଠେଲା ପାଖରେ ବି ଠିକ ସେମିତି!! ମହଙ୍ଗା ଫଳ ପରିବର୍ତ୍ତେ କଦଳୀ କୁ ବାଛିବାକୁ ପଡିଥାଏ !! କଣ କରିବା ମଧ୍ୟମବର୍ଗୀୟ ମାନସିକତା !! ଢୋକେ ପି ଦଣ୍ଡେ ଜି ର ଅଭ୍ୟାସ ରେ ଅଭ୍ୟସ୍ତ !! ସକାଳ ର ଜଳଖିଆ ଟି ସ୍ୱାଦିଷ୍ଟ ଓ ରୁଚିକର ଥିଲା !!

ଭ୍ରାମ୍ୟମାଣ ଚାକିରୀ ସହିତ ଅନିୟମିତତା ଆହାର, ଗାଡିର ଥକାଣି, ଅବ୍ୟବସ୍ଥା ରହଣି ସବୁ ମିଶି ଜୀବନରେ ଅନେକ ପାରିବର୍ତ୍ତନ ଆଣିଦେଇଛି !! ପରିବାର ଠୁଁ ଦୂରରେ ଥାଇ, ପରିବାର ପାଇଁ ଏକ ଏକ ପାଇ ଯୋଡି ଚାଲିଛି ଆଜିଯାଏ , ଭବିଷ୍ୟତ କିଏ ଦେଖିଛି, କାଲି କଣ ହେବ ? ସତରେ ଆମ୍ଭେମାନେ ଅନେଶ୍ୱତ ମାୟାରେ ବାଇଆ !! ତାକୁ ଶହେ କରିବାକୁ ଯାଇ ବର୍ତ୍ତମାନ ଭୁଲିଯାଇଛୁ !! ଅଳ୍ପଆହାର ରୁ ଜୀବନ ଦର୍ଶନ, ବାସ୍ତବତା ର ମହକ, ସାଧୁବାଦ ଜଣାଉଛି * ଇଟିଲି ସମ୍ରାର " କୁ !!

ନାଗପୁର

# ତୁମେ ମୋ ସାବିତ୍ରୀ



ପ୍ରଣତି ମହାପାତ୍ର

ଗୋଟିଏ ସପ୍ତାହ ପୂର୍ବରୁ ଅର୍ଥାତ ଆଜି ୧୯ତାରିଖ ସାବିତ୍ରୀ ବ୍ରତ,

ଏହି ସାବିତ୍ରୀ ବ୍ରତ ସାତ ଦିନ ଆଗରୁ ସୁରାଟରେ କାର୍ଯ୍ୟରତ ଶ୍ରମିକ ଭାବରେ ଥିବା ପୁଅ ପାଖକୁ ବାପା ନିଧି ମାଝୀ ଫୋନ କଲେ, ନିଧିଆ ତୋ ସ୍ତ୍ରୀକୁ ଆଉ ଆମେ ଚଳେଇ ପାରିବୁ ନାହିଁ । ତୁ ଏଥର ଘରକୁ ଆସେ ତା ବ୍ୟବସ୍ଥା କରିବୁ ନହେଲେ ଆମେ ବୁଢାବୁଢୀ ଝିଅକୁ ଧରି ଅଲଗା ରହିବୁ ।

ପୁଅ-କି କ'ଣ କରିଛି ସେ ?

ବାପା -ଯେଉଁ ଓଷାବାର ଆସୁଛି ଖାଲି କହୁଛି ତୋ ମାଆଙ୍କୁ ମୋର ଶାଢୀ, ଚୁଡି ଇତ୍ୟାଦି ଦରକାର। କିହୋ ଏତେ ଖର୍ଚ୍ଚ କେମିତି କରିବ କିଏ ?ମାସ ଶେଷକୁ ତ ତିନି କି ଚାରି ହଜାର ତୁ ପଠେଇବୁ । ମୋର, ତୋ ମାଆର ଔଷଧ ବାବଦରେ ଦୁଇ ହଜାର ଯାଉଛି ,ଗଣ୍ଡେ ଚାଉଳ କଣ୍ଟ୍ରୋଲ ଦୋକାନୀ ଦେଉଛି ବୋଲି ସେ ଖର୍ଚ୍ଚ ରହି ଯାଉଛି ,ପନିପରିବା ସଉଦା ପରେ ଟଙ୍କା ପାଞ୍ଚଟା ବି ହାତରେ ରହୁନାହିଁ । ଭଡା ଟଙ୍କା ହଜାରେ ମାଛ ଆଇଁସ ,ବିସ୍କୁଟ କୁ ନିଅଣ୍ଟ । ଝିଅଟାର ପାଉଡ଼ର ଟିକିଲି ପାଇଁ ବି ପଇସା ନିଅଣ୍ଟ ।ମୁଁ କ'ଣ ଟଙ୍କା ଗଛ ଲଗେଇଛି ।ଓଷା ବାରରେ ତା ପାଇଁ ନଡ଼ିଆ କଦଳୀ ଆଣିବି । ତା ବାପଘର ତ କେହି ନାହିଁ, ଏତେ ଫୁଟାଣି କାହିଁକି ?

ଛୋଟ ଲୋକ ଘରର ଝିଅ, ଜୋର ଜବରଦସ୍ତ ପ୍ରତି ମାସରେ ଭଡା ଟଙ୍କାରୁ ଚାରିଶହ ରଖୁଛି ,କାହିଁକି ଏତେ ଅତ୍ୟାର ସେ କରିବ ଆମକୁ ।

ତୋତେ ମୋ କଥା ଶୁଭୁଛି ତ
ହଁ ହଁ ବାପା ରଜ ବେଳକୁ ଗଲେ ନିଶ୍ଚୟ କଥା ହେବି ।
ରଖୁଛି ବାପା, ପ୍ରଣାମ।
ଚିନ୍ତା କଲା ସୁକାନ୍ତ, ପ୍ରତି ମାସରେ ମୋ ପାଖରୁ ଛବି ଚାରିଶହ ନେଉଛି, ବାପାଙ୍କ ପାଖରୁ ଚାରିଶହ ନେଉଛି, ତଥାପି ସବୁବେଳେ ତା ଅଭାବ ଶୁଣି ବଧୀର ହୋଇ ଗଲିଣି । ବାରବର୍ଷ ବାହାଘର ଭିତରେ ଆସିବା ଦିନରୁ ଟଙ୍କା ନେଉଛି।
ସତରେ ଏତେ ଖର୍ଚ୍ଚ କଲେ କେଉଁଠୁ ଏତେ ଟଙ୍କା ଆସିବ ,ଛୁଆଟି ପାଞ୍ଚ ବର୍ଷର, ସ୍କୁଲରେ ପାଠ ପଢୁଛି ,ତା ଜାମାପଟା ଇତ୍ୟାଦି।
ହେ ଭଗବାନ ମଧ୍ୟବିତ୍ତ ପରିବାରରେ ଜନ୍ମ ନେବା କ'ଣ ଭୁଲ୍ ।
ବି ଏ ପଢି ଆଜି ସୂତାକଳରେ ସାଧାରଣ ଶ୍ରମିକ, ମାସ ଶେଷକୁ ଦଶ ହଜାର ବି ଦରମା ନାହିଁ । ତା ସାଙ୍ଗରେ ଛଅ ପ୍ରାଣୀ ନିର୍ଭର କରୁଛନ୍ତି।
ସାବିତ୍ରୀ ଆଉ ଗୋଟେ ଦିନ ରହିଲା ବୋହୁ ,ତୁ ପରା ଟଙ୍କା ନେଲୁ ଫଳ ସାମଗ୍ରୀ ପାଇଁ ଆଣିଲୁ ନାହିଁ କି ।
ବୋହୁ-ନାହିଁ ମାଆ, ଶାଢୀ କିଣିବାକୁ ତ ଟଙ୍କା ନାହିଁ, ଖାଲି ନଡିଆ ଆଉ ଛଅଟି କଦଳୀ, ଶଙ୍ଖା,ସିନ୍ଦୁର ନେଇ ଆସିଛି ଚାଳିଶ ଟଙ୍କାରେ, ଦଶ ଟଙ୍କା ଦକ୍ଷିଣା ଦେଇଦେବି ନନାଙ୍କୁ ।
ତୁମେ ଏତେ ବ୍ୟସ୍ତ ହୁଅ ନା ମାଆ । ଯେମିତି ହେଲେ ପୂଜା ଟିକେ କରିଦେଲେ ହେଲା ।
ସାବିତ୍ରୀ ବ୍ରତ ଦିନ ସକାଳ
ଶାଶୁ ଶ୍ୱଶୁର ପିଣ୍ଡାରେ ବସି କଣ କଥା ହେଉଥାଆନ୍ତି, ଶ୍ୱଶୁର କହିଲେ ସେ ତିନି ଶହ ଟଙ୍କା ନେଇ ପଚାଶ ଟଙ୍କାରେ କାମ ଚଳେଇ ଆଉ ଟଙ୍କା କଣ କଲା କି ?
ସେ ଯାହା କରୁଛି କରୁ ,ଆଜି ଭଳି ଦିନରେ ଘରେ

ବରପାତ୍ର ଠିକ କରିଛି, ରଜବାସୀ ବାହାଘର ହେବ ।
ବରଘର ତ ଝିଅକୁ ପସନ୍ଦ କରିଛନ୍ତି,ବାହାରୁ ବାହାରୁ
ଦେଖିକି । ତୁମ ବୋହୁ ବି ବରପାତ୍ର ପସନ୍ଦ କରିଛି ।
ପଚାଶ ହଜାର ଯୌତୁକ ବାବଦରେ ନେବେ । ତୁମ
ବୋହୁ ବି ଦବାପାଇଁ ରାଜି ଅଛି । କାଲି ସକାଳେ ସେ
ଆସିବେ ଲଗ୍ନ ଧରିବାକୁ । ସୁକାନ୍ତ ଆସିଲେ ବାହାଘର
କରିବା । ବୋହୁକୁ ଜଣେଇ ଦେବ । ମୁଁ ଯାଉଛି।
ଆଲୋ ସୁକାବୋଉ,କେତେ ହିମ୍ମତ ସେ ମଉନମୁହିଁର
ଦେଖ୍,ଏତେ ବାଟ ଗଲାଣି କିଛି କହୁ ନାହିଁ, ଚାଲିଲା
ପାଟିତୁଣ୍ଡ ।

******

ଦ୍ୱିପ୍ରହର ଖିଆପିଆ ପରେ ହଠାତ ଅସୁସ୍ଥ ହୋଇଗଲେ
ଶ୍ୱଶୁର,
ପାଠପଢୁଆ ବୋହୁ ଗାଡ଼ି ଡକେଇ କଟକ ବଡ଼
ମେଡିକାଲ ନେଇଗଲା । ସାଙ୍ଗରେ ଶାଶୁ, ଗାଁର
ସାଧୁଆ ଭାଇ,ଫକୀର କକେଇ ଯାଇଥାଆନ୍ତି। ଡାକ୍ତର
କହିଲେ ଗୋଟେ ଛୋଟ ବାଇପାସ ସର୍ଜରୀ ନ କଲେ
ପେସେଣ୍ଟର ଜୀବନ ଉପରେ ଆସ୍ଥା କମ୍ । ଚାଳିଶ
ପଚାଶ ହଜାର ଲାଗିବ ।

ବୋହୁ ଶାଶୁଙ୍କୁ, ଶାଶୁ ବୋହୁକୁ ଅନାଅନି ହେଲେ। ମୁଣ୍ଡକୋଡି ଶାଶୁ କାନ୍ଦୁ ଥାଆନ୍ତି, ଭଗବାନଙ୍କୁ ଡାକୁ ଥାଆନ୍ତି । ହେ ଭଗବାନ ମୋ ଶଙ୍ଖା ସିନ୍ଦୁର ରକ୍ଷା କର ।

ଏହି ସମୟରେ ବୋହୁ ଡାକ୍ତର ବାବୁଙ୍କୁ କହୁଥାଏ,ସାର୍ ଆପଣ ଅପରେସନ କରନ୍ତୁ, ଯେତେ ଖର୍ଚ୍ଚ ହେଉ ପଛେ ମୋ ବାପା ବଞ୍ଚିବା ଦରକାର ।

ଶାଶୁ ଅବାକ୍ ହୋଇ ଚାହିଁ ରହିଲେ।

ଆପଣ କାନ୍ଦନ୍ତୁ ନାହିଁ ମାଆ, ବାପା ଦୁଇ ଚାରି ଦିନ ମଧ୍ୟରେ ଭଲ ହୋଇ ଘରକୁ ଯିବେ ।

ହେଲେ ଏତେ ଟଙ୍କା କେଉଁଠୁ ଆସିଲା ମାଆ, କିଏ ସେ ଦେବଦୂତ।

ତୁମେ ସେସବୁ କିଛି ଚିନ୍ତା କର ନାହିଁ । ସବୁ ଠିକ ହୋଇଯିବ ।

ଅପରେସନ ନଅ ଦିନ ପରେ ଘରକୁ ନେଇ ଆସିଲେ ସୁସ୍ଥ କରି ଶ୍ୱଶୁରଙ୍କୁ । ପୁଅ ସୁକାନ୍ତ ଆସି ପହଞ୍ଚି ଯାଇଛି ।

ଏଣେ ବରପାତ୍ର ଲୋକ ଆସି କଥା ହୋଇ ଗଲେ ଜୁନ ୧୭ ବାହାଘର ପାଇଁ ।

ଆଉ ମାତ୍ର ୫ ଦିନ ପରେ ବାହାଘର । ସବୁ ଜିନିଷପତ୍ର ବୋହୁ ଯୋଗାଡ଼ କରି ବାହାଘର କରିଦେଲେ ।
ଚତୁର୍ଥୀ, ଅଷ୍ଟମଙ୍ଗଳା ଭାରବୋଝ ସରିଗଲା ।
ଦାଣ୍ଡ ଦୁଆରେ ବାପା, ମାଆ, ପୁଅ ବସିଥାଆନ୍ତି ।
ହଇରେ ସୁକା,ଏତେ ଟଙ୍କା କୋଉଠୁ ଆଇଲା ।
ଏତେ କାମ କଲୁ ।
ବାପା, ମୁଁ ସେଇକଥା କହୁଛି ଏତେ ଟଙ୍କା କେଉଁଠୁ ଆସିଲା, କଣ କେମିତି ହେଲା ।
ତୁ ଡାକିଲୁ ବୋହୁକୁ ।
ହଁ ଡାକୁଛି, ଛବି ଛବି,ଏଣେ ଆସିଲ ବାପା ଡାକୁଛନ୍ତି ।
ବୋହୁ ଆସିଲା ବାପା, ଯାହା କହିବା କଥା କୁହ।
ଆରେ ମାଆ, ମୋତେ ସତ କହିଲୁ ଏତେ ଟଙ୍କା କେଉଁଠୁ ଆଣିଲୁ ,ମୋ ଅପରେସନ, ଝିଅ ବାହାଘର ଖର୍ଚ୍ଚ ସବୁ କଲୁ କେମିତି ।
ବାପା, ତୁମ ଅପରେସନ ,ଔଷଧ ପାଇଁ ଷାଠିଏ ହଜାର, ଝିଅ ବାହାଘର ଯୌତୁକ ପଚାଶ ହଜାର ,ବାହାଘର ଭୋଜିଭାତରେ ଏମିତି ଦୁଇଲକ୍ଷରୁ କିଛି ଅଧିକ ଖର୍ଚ୍ଚ ହେଲା।
ତୁ ଏତେ ଆଣିଲୁ କେଉଁଠୁ ?

ବାପା, ପ୍ରତି ମାସରେ ତୁମ ପାଖରୁ ଚାରିଶହ ଓ ତୁମ ପୁଅ ପାଖରୁ ଚାରିଶହ ଏମିତି ଆଠଶହ,ଘରଖର୍ଚ୍ଚ ଟଙ୍କା,ଓଷାବାର ଟଙ୍କା ମିଶାଇ ୧୦୦୦ ନିଏ । ସବୁ ଟଙ୍କା ଡାକଘରେ ଜମା କରେ । ତିନି ବର୍ଷ, ପାଞ୍ଚ ବର୍ଷ  କରି ଜମା କରି କରି ମୋଟ ଦୁଇ ଲକ୍ଷ ଷାଠିଏ ହଜାର ପାଇଲି । ଆଉ ତିରିଶ ହଜାର ଭଳି ଟଙ୍କା ମୋ ପାଖରେ ଏବେବି ଅଛି । ମୁଁ ମୋ ପାଇଁ ଗୋଟିଏ ବି ଟଙ୍କା ଖର୍ଚ୍ଚ କରେ ନାହିଁ । ନଣନ୍ଦ ପାଇଁ ସବୁ ସାଇତି ରଖିଥିଲି । ଆପଣମାନେ ସିନା ସବୁବେଳେ ମୋ ସହ କଳି କରୁଥିଲେ ହେଲେ ମୁଁ ସେସବୁ ନଜର ନ ଦେଇ ଟଙ୍କା ସାଇତି ଦେଉଥିଲି ।

ଏଥର ଆଉ ସୁକାନ୍ତ ସମ୍ଭାଳି ପାରିଲା ନାହିଁ, ବସିବା ଜାଗାରୁ ଉଠିଆସି ଛବିର ହାତ ଧରି ନେଇ ଖୁବ୍ ଜୋରରେ କାନ୍ଦିଲା । ଛବି ମୋ ଜୀବନରେ ଏକକାଳୀନ ପଚାଶ ହଜାର ଦେଖିବା କଣ ସପନରେ ଭାବିବା ବି ସମ୍ଭବ ନ ଥିଲା । ତୁମେ ଆଜି ଅଢେଇ ଲକ୍ଷ ଟଙ୍କା ସାଇତି ମୋ ବାପାଙ୍କୁ ନୂଆ ଜୀବନ ଦେବା ସହ ମୋ ଭଉଣୀର ଘର କରିଦେଲ ପୁଣି ଯୋଗ୍ୟ ପାତ୍ର ସହ । ହେଲେ ମୁଁ ଅମଣିଷ ଏଥର ଛାଡ଼ପତ୍ର ଦେବି ବୋଲି ସୁରାଟରୁ ମନସ୍ଥ କରି ଆସିଥିଲି । ବାପା ଦେଖିଲ ତ ,ତୁମ ବୋହୁର କାରନାମା ,ସବୁବେଳେ ତା ବିରୁଦ୍ଧରେ ମୋ ସହ ପାଟିତୁଣ୍ଡ କର ।

ହଁ ରେ ସୁକା, ଆମର ବହୁତ ବଡ଼ ଭୁଲ ହୋଇ ଯାଇଛି । ସେଦିନ ପା ଆମେ ଗାଁ ମୁଖିଆ ସହ କଥା ହୋଇଥିଲୁ,ପଞ୍ଚାୟତ ଡାକି ତା ଗାଆଁକୁ ବିଦା କରିଥାଆନ୍ତୁ ବୋଲି ।

**ଶ୍ୱଶୁର ହାତ ଯୋଡି ବୋହୁକୁ କହିଲେ ମାଆ ଛବି ଆମକୁ କ୍ଷମା କରିଦେ,ଆମେ ତୋତେ କେତେ ଖରାପ ନଜରରେ ଦେଖିଛୁ,ହେଲେ ତୁ ତ ଏ ଘର ପାଇଁ ସାକ୍ଷାତ ଲକ୍ଷ୍ମୀ ।**
**ଛି ବାପା, ଛି ମାଆ ,ଆପଣ ମାନେ ହାତଯୋଡି ଭୁଲ ମାଗିଲେ ମୋର ଅମଙ୍ଗଳ ହେବ । ଏମିତି ଭୁଲ୍ ବୁଝାମଣା ହୁଏ । ମୁଁ ବି ଆପଣଙ୍କୁ କିଛି ଜଣେଇ ନ ଥିଲି ସେଥିପାଇଁ ମୁଁ କ୍ଷମାପ୍ରାର୍ଥୀ । ଆପଣ ନିଶ୍ଚିନ୍ତରେ ଔଷଧ ଖାଇ ଖୁସି ରୁହନ୍ତୁ । କାଲି ଆମରୁ ଦୁଇଟି ଟି ଭି ଆଣିବା,ଗୋଟିଏ ଆପଣଙ୍କ ଝିଅ ପାଇଁ ଆଉ ଗୋଟେ ଆପଣ ଆଉ ମାଆଙ୍କ ପାଇଁ । ସବୁଦିନ ସକାଳଠୁ ସନ୍ଧ୍ୟା ପର୍ଯ୍ୟନ୍ତ ଗୀତା, ଭାଗବତ, ପୁରାଣ ଆଲୋଚନା ଦେଖିବ ହେଲେ ସନ୍ଧ୍ୟା ସାତ ପରେ ମୁଁ ସିରିଏଲ ଦେଖିବି ।**
**ଦେଖୁଛ ତ ସୁକା ବାପା, ମୋ ବୋହୁକୁ, ଆମ ପାଇଁ ତାର କେତେ ଚିନ୍ତା । କେବଳ ମାନବିକତା ଥିବା ମଣିଷ ହିଁ ଏସବୁ କରି ପାରେ । ପଖାଳ ଲଙ୍କା ଖାଇ ଖାଇ ବାରବର୍ଷ ଭିତରେ ଆମକୁ କେତେ ସୁଖ ଏକାବେଳକେ ଦେଲା । ତୁ ମୋ ମାଆ, ମୋ ସାବିତ୍ରୀ, ମୋ ସ୍ୱାମୀକୁ ଜୀବନ ଦାନ ଦେଇ ମୋ ଶଙ୍ଖା ସିନ୍ଦୁରକୁ ଘଣ୍ଟ ଘୋଡେଇ ଦେଇ ରକ୍ଷା କରିଛୁ ମାଆ ।**
**ମାଆଲୋ , ଏ ମୋ ସ୍ତ୍ରୀ ଛବି ନୁହେଁ,**
**ଛବି ହେଉଛି ତ ଆମ ଘରର  ସାବିତ୍ରୀ, ଅନ୍ନପୂର୍ଣ୍ଣା, ମହାଲକ୍ଷ୍ମୀ ।**
**ହଁ ହଁ ଠିକ୍ କହିଲୁ ପୁଅ,ସେ ତ ମୋତେ ପୁନର୍ଜନ୍ମ ଦେଇଛି, ସେ ମୋ ମାଆ ହେଉ ବାପା, ଆମେ ବଜାରରୁ ଆସୁ ।**

**ଆସ ଯିବା ବଜାରକୁ, ଟିଭି ଆଣିବା ।**

**ଫକୀରମୋହନ ନଗର**
**ବାଲେଶ୍ୱର**

# ଆତ୍ମ ବଡିମା



## ନିରୁପମା ପାଣି

ପିଲାବେଳେ ରାଜା ମନ୍ତ୍ରୀଙ୍କ ଗପ ସବୁ ଶୁଣିବାକୁ ଭାରି ଭଲ ଲାଗେ | ପିଲା'ଙ୍କୁ ରାଜା ମନ୍ତ୍ରୀଙ୍କୁ ନେଇ ବିଭିନ୍ନ ପ୍ରକାର ଗପ ଜେଜ ଓ ଜେଜମାଆ ମାନେ ଶୁଣାନ୍ତି | ନାତୀ ନାତୁଣୀ ମଧ ଆଗ୍ରହ ସହକାରେ ଚାରିପାଖ ଘେରି ବସି ଶୁଣୁଥାଆନ୍ତି | ଏମିତି ଗୋଟିଏ ଗପ ଦିନେ ଜେଜେମା କହୁଥିଲେ, ଗୋଟିଏ ରାଜ୍ୟରେ ଜଣେ ଆତ୍ମ ଗର୍ବୀ ରାଜା ଥିଲେ | ସେ ସବୁବେଳେ ନିଜକୁ ବଡ ବୋଲି ଭାବୁଥିଲେ | ପ୍ରଜାଙ୍କଠୁଁ ପ୍ରଶଂସା ପାଇବାକୁ ରାଜକୋଷରୁ ଧନ ପାଣି ଭଳି ଖର୍ଚ୍ଚ କରୁଥିଲେ | ଏକଦା ରାଜ୍ୟରେ ଘୋଷଣା କରାଗଲା କି ଯିଏ ଖାଇବାକୁ ନ'ପାଉଛନ୍ତି , ପ୍ରତିଦିନ ରାଜମହଲରେ ଆସି ଖାଇବେ | ସେ ଲାଗି ରୋଷେଇ' ର ବନ୍ଦୋବସ୍ତ ବି ହେଲା | ପ୍ରଥମେ ପ୍ରଥମେ ଅଳ୍ପ ଲୋକ ଆସୁଥିଲେ , ହେଲେ ପରେ ପରେ ଲୋକସଂଖ୍ୟା ବଢିବାକୁ ଲାଗିଲା | ମାସ ଗୋଟାକ'ରେ ରାଜକୋଷ ଶୂନ୍ୟ ହୋଇଗଲା | ରାଜା ଜଣେ ବୃଦ୍ଧ ମନ୍ତ୍ରୀଙ୍କୁ ଏହାର କାରଣ ପଚାରିଲେ! ରାଜ୍ୟର ଏଭଳି ଅବସ୍ଥା ଯେ ଶହଶହ ଲୋକ ଖାଇବାକୁ ନପାଇ ରହିଥିଲେ କାହିଁକି ? ମନ୍ତ୍ରୀ ହସିଲେ ଓ ରାଜାଙ୍କୁ ବୁଝାଇଦେଲେ ଯେ ଲୋକ କେହି ଉପାସରେ ନଥିଲେ! ମାଗଣାରେ ଦିବ୍ୟ ଭୋଜନ ଲୋଭରେ ସମସ୍ତେ ଅଭାବିର ପରିଚୟ ଦେଇ ପେଟ ଭରି ଖାଉଛନ୍ତି | ମାଗଣା ଖାଦ୍ୟ ମିଳିଲା' ରୁ କେହି ବି କାମ କରିବାକୁ ଚାହୁଁ ନାହାନ୍ତି |

ରାଜା ପଚାରିଲେ! ଏପରି ପରିସ୍ଥିତିରେ କ'ଣ କରାଯାଇ ପାରେ! ମନ୍ତ୍ରୀ ଜଣକ କହିଲେ ସେ ଭାର ମୁଁ ନେଉଛି ଆପଣ ଚୁପ୍ ରୁହନ୍ତୁ । ତହିଁ ପରଦିନ ମନ୍ତ୍ରୀଙ୍କ ଆଦେଶରେ ବିନା ଲୁଣରେ ପ୍ରଚୁର ଲଙ୍କା ପକା ଖିଚୁଡି କରାଗଲା । ଲୋକ ଆସିଲେ କେହି ଖାଇଲେନି ପଳେଇଲେ । ତା ପରଠୁ ଲୋକଙ୍କ ଆସିବା କମିଗଲା । ଆଉ କିଛିଦିନ ପରେ, କେହିବି ଆସିଲେ ନାହିଁ । ରାଜା ଯଦି ନିଜେ ବିଚାର କରି ପ୍ରକୃତ ଗରିବ ବାଛି ଖାଇବାକୁ ଦେଇ ଥାଆନ୍ତେ ଏପରି ପରିସ୍ଥିତି ହୋଇନଥାନ୍ତା ।

ଆଜିକା ସମୟରେ ଏମିତି କିଛି ଲୋକ ଅଛନ୍ତି ନିଜକୁ ଲୋକ-ଲୋଚନକୁ ଆଣିବା ଲାଗି ମାସରେ ଦୁଇ ଚାରିଥର ସାହିତ୍ୟ ସଭା କରୁଛନ୍ତି । ଫେସ୍ ବୁକ୍ରେ ଗୋଟାଏ ନିମନ୍ତ୍ରଣ କାର୍ଡ ପୋଷ୍ଟ କରି ଦେଉଛନ୍ତି । ସାରା ଓଡିଶାର କବି ମାନଙ୍କୁ ସମ୍ବର୍ଦ୍ଧନା ବି ଦେଉଛନ୍ତି । ପ୍ରତି ସଭାରେ ହଜାର ହଜାର କବି ଲେଖକ ସମ୍ବର୍ଦ୍ଧିତ ହେଉଛନ୍ତି । ସେ ବ୍ୟକ୍ତି ବିଶେଷ କେବେ ଜାଣିବାକୁ ଚେଷ୍ଟା କରୁନାହାନ୍ତି କି ସେ ଯାହାକୁ କବି ସମ୍ବର୍ଦ୍ଧନା ଦେଉଛନ୍ତି! ସେମାନଙ୍କ ଭିତରେ କେତେଜଣ ପ୍ରକୃତ କବି? କାହାର ସାହିତ୍ୟ ଜ୍ଞାନ ପରଖୁ ବି ନାହାନ୍ତି ।

ପେପରରେ ଫଟୋ ବାହାରୁଛି ଅମୁଁକ ଲୋକ
ଏତେଶହ କବିଙ୍କୁ  ସମ୍ବର୍ଦ୍ଧନା ଦେଲେ | ହେଲେ
ସେ ମହାଶୟ ଯଦି ଥରୁଟେ ଲେଖାର ଗୁଣ ମାନ
ଦେଖି ସମ୍ବର୍ଦ୍ଧନା  ଦିଅନ୍ତେ ବୋଧେ ସାହିତ୍ୟର
ଅଗ୍ରଗତି  ସହ ଗୁଣୀ ଜ୍ଞାନୀ  କବି ଲେଖକ ମାନେ
ଲୋକ ଲୋଚନକୁ ଆସି ପାରନ୍ତେ |
ଯା 'ଦ୍ୱାରା  ସମାଜରେ ବଳିଷ୍ଠ  ସାହିତ୍ୟ ସୃଷ୍ଟି
ହୋଇପାରନ୍ତା |  ଅଣକବି ଗଣକବି ମିଛକବିଙ୍କ
ସ୍ଥାନ ରହନ୍ତାନି | କାହାକୁ' ଆକ୍ଷେପ  କରି
ଲେଖିବା, ବା ' କହିବା  ମୋ'ର  ଉଦ୍ଦେଶ୍ୟ ନୁହଁ,
କିନ୍ତୁ ଏ- କଥା ସତ  କି ' ମିଛ  ବିଚାର, ଓ
ନିର୍ଣ୍ଣୟ ଆପଣଙ୍କ ହାତରେ......!!!

• ଚାନ୍ଦବାଲି •ଭଦ୍ରକ

# ମଣିଷର ପ୍ରକୃତ ପ୍ରକୃତି

## କୁମୁଦିନୀ ବେହେରା

ବିଜୟପୁର ଗାଁର ଅନତି ଦୂରରେ ଆଶ୍ରମଟିଏ ଥିଲା । ଶୁଣା ଯାଏ ଯେ ସାଧୁମାନେ ଆସନ୍ତି କିନ୍ତୁ କେହି ରହନ୍ତି ନାହିଁ । କାରଣ ଅନେକ କିଛି । ସେମଧ୍ଯରୁ ବଡ଼ କାରଣ ହେଲା ଲୋକେ ସାଧୁ ମାନଙ୍କୁ ଅପମାନିତ କରିବା ସହିତ ଶାସ୍ତ୍ରର ବିରୁଦ୍ଧାଚରଣ କରନ୍ତି ।ତେଣୁ ସାଧୁତା ଗୁଣ ନେଇ ଚାଲି ଯାଆନ୍ତି । କହିବାକୁ ଗଲେ ବିଜୟପୁର ଗାଁ ଲୋକେ ଅସଭ୍ୟ ଭିତରେ ରହି ନିଜକୁ ସମ୍ରାଟ ବୋଲି ଭାବନ୍ତି । ତେଣୁ ଗାଁର ନାଁ ବହୁଦୂର ପର୍ଯ୍ୟନ୍ତ ବ୍ୟାପ୍ତ । ବର୍ତ୍ତମାନ ଯୁଗତ ସେହି ପ୍ରକାର, ସୁନାମ ଅର୍ଜନ କଲେ ତାହା ସୀମିତ ରହି ଯାଏ କିନ୍ତୁ ବଦନାମ ସର୍ବତ୍ର ବ୍ୟାପି ଯାଏ । ସେହି ପରି ବିଜୟପୁର ଗାଁର ବାସ୍ନା ସର୍ବତ୍ର ବ୍ୟାପୀ ରହି ଥିଲା ।

ସବୁ ଶୁଣି ଜଣେ ସାଧୁ ଗାଁ ଲୋକଙ୍କୁ ପରିବର୍ତ୍ତନ କରିବା ଉଦ୍ଦେଶ୍ୟରେ ଆସିଲେ । ସେ ଆଗରୁ ପ୍ରସ୍ତୁତ ଥିଲେ ତେଣୁ ସେ ପରିସ୍ଥିତିକୁ ସହଜରେ ନେଇ ଲୋକଙ୍କ ପ୍ରିୟ ଭାଜନ ହେଲେ । ବାସ୍ତବରେ ଯେକୌଣସି କ୍ଷେତ୍ରରେ ଆଗରୁ ପ୍ରସ୍ତୁତ ରହିଲେ ପରିସ୍ଥିତିକୁ ସହଜରେ ସମ୍ଭାଳି ହୁଏ । ଲୋକେ ବେଳେ ବେଳେ ସାଧୁଙ୍କ ନିକଟକୁ ଆସନ୍ତି । ସୁବିଧା ଦେଖି ସାଧୁ ସେମାନଙ୍କୁ ସତ୍ ଜ୍ଞାନ ପ୍ରଦାନ କରନ୍ତି । ସମୟ କ୍ରମେ ଗାଁର ଲୋକେ ସମସ୍ତେ ସାଧୁଙ୍କ ନିକଟକୁ ଆସି ପୁରାଣ ଶାସ୍ତ୍ର ଶୁଣି ଯାଆନ୍ତି ।

"

ବିଜ୍ଞତା ଆଗରେ ଅଜ୍ଞତା ସବୁବେଳେ ହାରମାନେ" ବୋଲି ସାଧୁ ଭାବିଲେ ।

ବର୍ଷ ବର୍ଷ ଧରି ଯେଉଁ ଲୋକ ମାନେ ସଧୁସନ୍ଥଙ୍କ ଅପମାନ କରୁଥିଲେ ତାହା ଆଜି ପରିବର୍ତ୍ତନ ଘଟିଛି ବୋଲି ସାଧୁ ଭାବିଲେ । ଗୌରବାନ୍ୱିତ ହୋଇ

ସାଧୁ କାଶୀଧାମରୁ ତାଙ୍କ ଗୁରୁଦେବଙ୍କୁ ନିମନ୍ତ୍ରଣ କଲେ । ଏକ ବିରାଟ ପରିବର୍ତ୍ତନର ସମୀକ୍ଷା ଲାଗି ଗୁରୁ ଦେବ ଆସି ବିଜୟପୁର ଆଶ୍ରମରେ ପହଂଚିଲେ ।

ଗୁରୁ ଦେବ ଖୁସି ହେଲେ କି ଆଶ୍ରମ ରେ ଗାଁ ଲୋକଙ୍କ ଲାଗି ଅନ୍ନ ଭୋଜନର ବ୍ୟବସ୍ଥା ଆବଶ୍ୟକତାଠାରୁ ଅଧିକ ରହିଛି । ସୁମିଷ୍ଟ ଖାଦ୍ୟ ସାଙ୍ଗକୁ ଆରାମ ଦାୟକ ପରିବେଶ ଗାଁ ଲୋକଙ୍କୁ ଆକୃଷ୍ଟ କରିଛି ।

ଗୁରୁ ଦେବ ଯାହା ଅନ୍ତଃଦୃଷ୍ଟିରେ ଦେଖିଲେ, ସେଥିରେ ସେ ଖୁସି ହୋଇ ପାରିଲେ ନାହିଁ । ତେଣୁ ଏକ ପରୀକ୍ଷା କରିବା ଲାଗି ସାଧୁଙ୍କୁ କହି ଗୁରୁ ଦେବ ଚାଲି ଗଲେ ।

ଗୁରୁ ଦେବଙ୍କ କଥା ଅନୁସାରେ ସାଧୁ ତିନୋଟି କୋଠରୀ ନିର୍ମାଣ କଲେ ।

ପ୍ରଥମ କୋଠରୀରେ ଭଗବାନଙ୍କ ସୁନ୍ଦର ମୂର୍ତ୍ତି ପୂଜା ଲାଗି ସମସ୍ତ ଜିନିଷ ରଖାଗଲା ।ମନୋହର, ସୁଗନ୍ଧ ଯୁକ୍ତ କୋଠରୀ ,ଭକ୍ତି ଭାବରେ ଆପେ ଆପ ମୁଣ୍ଡ ନଇଁ ଯାଉଥାଏ ସେ କୋଠରୀ ଥିଲା ବହୁ ମହତ୍ୱ ପୂର୍ଣ୍ଣ । ବହୁତ ଶାସ୍ତ୍ର, ଗ୍ରନ୍ଥରେ ପୂର୍ଣ୍ଣ ଏହି କୋଠରୀ ଜଣେ ଖଳ ପ୍ରକୃତିର ଲୋକକୁ ସାଧୁକରି ପାରିବ।

ଦ୍ୱିତୀୟ କୋଠରୀରେ ମୂଲ୍ୟବାନ ଧାତୁର ବିଗ୍ରହ ସହିତ ବହୁ ମୂଲ୍ୟର ପୂଜା ସାମଗ୍ରୀ ପୂର୍ଣ୍ଣ କରା ଗଲା ସେ ଥିରୁ ସେଦିନ ମାତ୍ର ତିନୋଟି ମୂଲ୍ୟବାନ ପଦାର୍ଥ ନେଇ ପାରିବ ।

ତୃତୀୟ କୋଠରୀରେ ଅପରୂପା ସୁନ୍ଦରୀ ସୁଶୋଭିତ, ସୁସଜ୍ଜିତ, ସୁରଭିତ ପଲଙ୍କରେ ଅପେକ୍ଷାରତ ଅପ୍ସରୀ ରହିଲେ ।

ଗାଁ ଲୋକଙ୍କ ଲାଗି ଏହି ବ୍ୟବସ୍ଥା କରାଯାଇଛି ସେମାନେ ନିର୍ଭୟରେ ଏହି କୋଠରୀ ଗୁଡିକ ଭିତରକୁ ପ୍ରବେଶ କରିପାରିବେ । କିନ୍ତୁ

କିଛି ନିୟମ ରହିଛି । ନିୟମ ହେଲା ଯେ ଜଣେ ଲୋକ କେବଳ ଗୋଟିଏ କୋଠରୀ ଭିତରକୁ ହିଁ ଯାଇ ପାରିବ । ସେ ଯେଉଁ କୋଠରୀରେ ପ୍ରବେଶ କରିବ ଅନ୍ୟ କୋଠରୀ ଆପେ ଆପେ ବନ୍ଦ ହୋଇ ଯିବ ।

ଯେଉଁ କୋଠରୀକୁ ଯିବ ସେହି କୋଠରୀ ମାଲିକ ସେ ରାତିର ସେ ହେବ ।

ପ୍ରଥାମ କୋଠରୀରେ-ଭଗବାନଙ୍କୁ ପୂଜାକରି ଶାସ୍ତ୍ର ନେଇ ପାରିବ ।

ଦ୍ୱିତୀୟ କୋଠରୀରୁ -ମୂଲ୍ୟବାନ ମୂର୍ତ୍ତି କିମ୍ବା ପୂଜା ସାମଗ୍ରୀ ନେଇ ପାରିବ ।

ତୃତୀୟ କୋଠରୀରେ -ସୁନ୍ଦରୀ ନାରୀର  ସେ ସେହି ରାତିର ପତି ହୋଇ ପାରିବ ।

ଏହିପରି ନିୟମ ରଖି ସାଧୁ କେତେଜଣ ଶିଷ୍ୟଙ୍କୁ କାମରେ ନିଯୁକ୍ତି କରି ସାଧାନରେ ବସିଗଲେ ।

କେଉଁ କୋଠରୀକୁ କେତେ ଜଣ ଲୋକ ଗଲେ ତାର ହିସାବ ରଖିବାକୁ ନିର୍ଦ୍ଦଶ ଥିଲା ।

ପ୍ରଥମ ରାତ୍ରିରେ ହିଁ ଲୋକେ କେଉଁ କୋଠିରୀକୁ ଗଲେ ଆଉ କି ପ୍ରକାର ଅଘଟଣ ଘଟିଲା ତାହା ବର୍ଣ୍ଣନା କରିବା ଲାଗି ଆଶ୍ରମରେ କେହି ନଥିଲେ ରାତି ପାହିବା ପୂର୍ବରୁ ସାଧୁ ଓ ତାଙ୍କ ଶିଷ୍ୟ ମାନେ ଆଶ୍ରମ ଛାଡି ଚାଲି ଯାଇ ଥିଲେ । ତୃତୀୟ କୋଠରୀକୁ ଛାଡି ବାକି ଦୁଇ କୋଠରୀ ଅକ୍ଷତ ଅବସ୍ଥାରେ ଥିଲା ।

ସାଧୁ କେତେବେଳେ ଆଶ୍ରମ ଛାଡି ଗଲେ କେହି ଜାଣି ପାରିଲେ ନାହିଁ ।

ସାଧୁଙ୍କ ଗୁରୁ ଦେବ ଏହି ପରି ସମସ୍ୟା ହେବ ବୋଲି ଆଗରୁ ଜାଣି ଥିଲେ।

କେଉଁ କୋଠରୀକୁ ଲୋକେ ଆସି କଣ କରିଥିବେ ସେ ବିଷୟ ସମସ୍ତଙ୍କୁ ଜଣା ।

କାହିଁକି ନା ପରିସ୍ଥିତି ଆସିଗଲେ ମଣିଷର ପ୍ରକୃତ ପ୍ରକୃତି ରୂପ ନିଏ ।

ଗଞ୍ଜାମ

# ରାଜଶ୍ରୀ ଉତ୍ସବ ଝଲକ
















